CMYK

# ଜାତୀୟ ଚେତନା

ଅଭିବ୍ୟକ୍ତିର ଶାଣିତ ସ୍ୱର

RNI Regd No: ODIODI/2017/74521

JATIYA CHETANA

ODIA WEEKLY

ବର୍ଷ-୯ ◆ ସଂଖ୍ୟା- ୩୪ ◆ ଭୁବନେଶ୍ୱର ◆ ସୋମବାର ◆ ଏପ୍ରିଲ ୧୩ରୁ ଏପ୍ରିଲ ୧୯, ୨୦୨୬ ◆ ପୃଷ୍ଠା-୮ ◆ ମୂଲ୍ୟ- ୪ ଟଙ୍କା

Volume-9 ◆ Issue-34 ◆ Bhubaneswar ◆ Monday ◆ April 13 to April 19, 2026 ◆ Page-8 ◆ Price Rs.4.00

## ପଶ୍ଚିମ ଏସିୟାରେ ଶାନ୍ତି ସ୍ଥାପନ ପାଇଁ ରଷିଆର ମଧ୍ୟସ୍ଥ ଭୂମିକା ନିର୍ବାହ କରିବାକୁ ପ୍ରସ୍ତାବ

କ୍ରେମଲିନ: ପଶ୍ଚିମ ଏସିୟାରେ ଜାରି ଉତ୍ତେଜନା ମଧ୍ୟରେ ଏକ ନୂଆ କୂଟନୈତିକ ଚାଲ ସାମ୍ନାକୁ ଆସିଛି। ଏଥିରେ ଶାନ୍ତି ସ୍ଥାପନା ନିମନ୍ତେ ରଷିଆ ମଧ୍ୟସ୍ଥ ଭୂମିକା ନିର୍ବାହ କରିବାକୁ ପ୍ରସ୍ତାବ ଦେଇଛି। ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ଇରାନ ରାଷ୍ଟ୍ରପତି ମାସୁଦ ପେଜେସକିୟନଙ୍କ ସହ ଟେଲିଫୋନରେ କଥା ହୋଇଛନ୍ତି। ଏହି ଆଳାପରେ ପୁଟିନ ମଧ୍ୟସ୍ଥତା କରିବାକୁ ନିଜର ଇଛା ପ୍ରକାଶ କରିଛନ୍ତି। ମିଳୁଥିବା ସୂଚନା ଅନୁସାରେ କ୍ରେମଲିନ ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ ପୁଟିନ ପଶ୍ଚିମ ଏସିୟାରେ ଜାରି ଯୁଦ୍ଧର ରାଜନୈତିକ ଓ କୂଟନୈତିକ ସମାଧାନ ଖୋଜିବାକୁ ଗୁରୁତ୍ୱ ଦେଉଛନ୍ତି। ପୁଟିନ କହିଛନ୍ତି ଯେ ଏ ଦିଗରେ ଯଥାସମ୍ଭବ ସହଯୋଗ କରିବାକୁ ଓ ସ୍ଥାୟୀ ଶାନ୍ତି ସ୍ଥାପନା କରିବା ପ୍ରୟାସରେ ମଧ୍ୟସ୍ଥ ଭୂମିକା ନିର୍ବାହ କରିବାକୁ ପ୍ରସ୍ତୁତ। ଉଲ୍ଲେଖଯୋଗ୍ୟ ଯେ ଏହି ପ୍ରସ୍ତାବ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ଓ ଇରାନ ମଧ୍ୟରେ ଅନୁଷ୍ଠିତ ସିଧା ଆଲୋଚନା ବିନା କୌଣସି ପରିଣାମରେ ସମାପ୍ତ ହୋଇଛି। ଦୁଇ ଦେଶଙ୍କ ଆଲୋଚନାରୁ ଯୁଦ୍ଧବିରାମକୁ ସ୍ଥାୟୀ ରୂପ ଦିଆଯାଇ ପାରିବ ବୋଲି ଆଶା କରାଯାଉଥିଲା। ତେବେ ମତପାର୍ଥକ୍ୟ ଦୂର ହୋଇ ନ ପାରିବାରୁ ସ୍ଥିତି ପୁଣି ଅନିଶ୍ଚିତ ହୋଇଯାଇଛି।

ଆମେରିକା ପକ୍ଷରୁ କୁହାଯାଇଛି ଯେ କଥାବାର୍ତ୍ତା ଏଥି ପାଇଁ ସଫଳ ହେଲାନି କାରଣ ଇରାନ ପରମାଣୁ କାର୍ଯ୍ୟକ୍ରମକୁ ନେଇ ନିଜ ସ୍ଥିତିରେ ପରିବର୍ତ୍ତନ କଲାନି। ଏହାର ବିପରୀତ ଇରାନ ଆଲୋଚନା ବିଗାଡିବା ପାଇଁ ଆମେରିକାକୁ ଦାୟି କରୁଛି। ତେବେ ଇରାନ କାହିଁକି ଆମେରିକାକୁ ଦାୟି କରୁଛି ତାହା ବିସ୍ତୃତ ଭାବେ ସୂଚିତ କରି ନାହିଁ। ଉଲ୍ଲେଖଯୋଗ୍ୟ ଯେ ଏହା ପୂର୍ବରୁ ମଧ ରଷିଆ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି। ୨୦୨୫ରେ ଯେତେବେଳେ କ୍ଷେତ୍ରରେ ସଂଘର୍ଷ ଉଗ୍ରରୂପ ଧାରଣ କରିଥିଲା ସେତେବେଳେ ପୁଟିନ କହିଥିଲେ ଯେ ଇରାନର ପରମାଣୁ ପ୍ରସଙ୍ଗ ଯୁଦ୍ଧ ବଦଳେ ଆଲୋଚନା ମାଧ୍ୟମରେ ହେବା ଦରକାର। ତେବେ ଏ ସବୁ ମଧ୍ୟରେ ଏ କଥାକୁ ମଧ୍ୟ ଧ୍ୟାନ ଦେବାକୁ ହେବ ଯେ ରଷିଆ ନିଜେ ଦୀର୍ଘ ବର୍ଷରୁ ୟୁକ୍ରେନ ସହ ଯୁଦ୍ଧରେ ଲାଗି ରହିଛି। ସେଠାରେ ମଧ୍ୟ ଶାନ୍ତି ପ୍ରକ୍ରିୟାରେ ସେପରି କୌଣସି ଉଲ୍ଲେଖନୀୟ ପ୍ରଗତି ହୋଇ ପାରୁ ନାହିଁ। ଏହା ସତ୍ତ୍ୱେ ମଧ୍ୟସ୍ଥ ହେବା ପାଇଁ ରଷିଆର ଇଛା ବୈଶ୍ୱିକ କୂଟନୀତିରେ ତାର ସକ୍ରିୟ ଭୂମିକାକୁ ଦର୍ଶାଉଛି। ବିଶେଷଜ୍ଞଙ୍କ ଅନୁସାରେ ଯଦି ଇରାନ ପ୍ରସଙ୍ଗରେ ପୁଟିନଙ୍କ ମଧ୍ୟସ୍ଥତା ସ୍ୱୀକାର କରାଯାଏ ତେବେ କ୍ଷେତ୍ରରେ ଉତ୍ତେଜନା ହ୍ରାସ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ହୋଇ ପାରେ। ତେବେ ଏଥି ପାଇଁ ସବୁ ପକ୍ଷଙ୍କ ସହମତି ଜରୁରି।

## ମଉଳିଲା ରକ୍ତପାତ ଯୁଦ୍ଧରେ ଯବନିକା ପଡ଼ିବା ଆଶା

# ଇରାନ-ଆମେରିକା ଶାନ୍ତି ଆଲୋଚନା ଫ୍ଲପ୍

ନୂଆଦିଲ୍ଲୀ,(ଏଜେନ୍ସି): ହେଲା ନାହିଁ ସହମତି। ବାହାରି ପାରିଲାନି କୌଣସି ନିଷ୍କର୍ଷ। ୨୧ ଘଣ୍ଟାର ଆଲୋଚନା ବିନା ଫଳାଫଳରେ ଶେଷ ହୋଇଛି। ଫେଲ୍ ମାରିଲା ଇରାନ ଓ ଆମେରିକାର ପିସ୍ ଟକ୍। ପାକିସ୍ତାନ ଉଦ୍ୟମରେ ଚାଲିଥିବା ଏହି ଶାନ୍ତି ବୈଠକ ଶେଷରେ ଫସର ଫାଟିଲା। ଆମେରିକାର ସର୍ତ୍ତକୁ ଇରାନ ଗ୍ରହଣ କଲାନାହିଁ ବୋଲି ଆମେରିକା କହିଛି। ତେବେ ପରମାଣୁ ଚୁକ୍ତି ଏବଂ ଆଞ୍ଚଳିକ ନିରାପତ୍ତାକୁ ନେଇ ଉଭୟ ଦେଶ ନିଜ ନିଜ ଜିଦରେ ଅଟଳ ରହିବାରୁ ଆଲୋଚନା ଆଗକୁ ବଢ଼ିପାରିଲା ନାହିଁ ବୋଲି ଚର୍ଚ୍ଚା ହେଉଛି। ତେବେ ଶାନ୍ତି ଆଲୋଚନାର ବିଫଳତାର ଏକ ନୂଆ ସଂଘର୍ଷର ସୂତ୍ରପାତ କରିବ କି ବୋଲି ପ୍ରଶ୍ନ ଉଠୁଛି।



ପାକିସ୍ତାନରେ ଚାଲିଥିବା ଶାନ୍ତି ଆଲୋଚନାରେ କୌଣସି ସମାଧାନର ବାଟ ବାହାରି ପାରି ନାହିଁ। ଇରାନ-ଆମେରିକା ଆଲୋଚନାରେ କୌଣସି ନିଷ୍କର୍ଷ ବାହାରି ନପାରିବାରୁ ରକ୍ତପାତ ଯୁଦ୍ଧରେ ଯବନିକା ପଡ଼ିବା ଆଶା ମଉଳି ଯାଇଛି। ଦୀର୍ଘ ୪୦ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଜାରି ରହିଥିବାବେଳେ ପାକିସ୍ତାନ ଶାନ୍ତି ଫେରାଇବାକୁ ଚେଷ୍ଟା କରିଥିଲା। ହେଲେ ଏହା ବିଫଳ ହୋଇଛି। ଶାନ୍ତି ବୈଠକ ଶେଷ ପରେ ସାମ୍ବାଦିକ ସମ୍ମିଳନୀ କରି ଆମେରିକା ଉପରାଷ୍ଟ୍ରପତି ଜେ.ଡି ଭାନ୍ସ କହିଛନ୍ତି 'ଏହି ଆଲୋଚନାରେ କୌଣସି ସମାଧାନ ହୋଇନାହିଁ। ୨୧ ଘଣ୍ଟାର ଆଲୋଚନା ବିଫଳ ହୋଇଛି। ୨୧ ଘଣ୍ଟା ଧରି ଆଲୋଚନା ସତ୍ତ୍ୱେ, ଦୁଇ ଦେଶ ମଧ୍ୟରେ କୌଣସି ସହମତି ହୋଇପାରି ନାହିଁ। ଦୁଇ ଦେଶ ମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ହୋଇଥିଲା, କିନ୍ତୁ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନଥିଲା। ଆମେରିକାର ପ୍ରାଥମିକ ଦାବି ହେଉଛି, ଇରାନ ଯେକୌଣସି ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ କିମ୍ବା ସମ୍ପର୍କିତ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସ୍ପଷ୍ଟ ଏବଂ ଠୋସ୍ ପ୍ରତିବଦ୍ଧତା ପ୍ରକାଶ କରୁ। କିନ୍ତୁ ଇରାନ ପାଳନ କରିବାକୁ ଅନିଚ୍ଛୁକ ରହିଲା। ଆମକୁ ଦୃଢ଼ ଗ୍ୟାରେଣ୍ଟି ଆବଶ୍ୟକ ଯେ, ଇରାନ ପରମାଣୁ ଅସ୍ତ୍ର ବିକଶିତ କରିବାକୁ ଚେଷ୍ଟା କରିବ ନାହିଁ। ଆମେ କୌଣସି ଚୁକ୍ତିନାମାରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ।'

ଜେଡି ଭାନ୍ସ ସାମ୍ବାଦିକ ସମ୍ମିଳନୀରେ ଆହୁରି କହିଛନ୍ତି, 'ଦୁଃଖଦ ଖବର ହେଉଛି ଯେ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ। ମୁଁ ଭାବୁଛି ଏହା ଆମେରିକା ଅପେକ୍ଷା ଇରାନ ପାଇଁ ଅଧିକ ଖରାପ ଖବର। ତେଣୁ, ଆମେ କୌଣସି ଚୁକ୍ତିରେ ପହଞ୍ଚି ନପାରି ଆମେରିକାକୁ ଫେରିଯାଉଛୁ। ସେମାନେ ଆମର ସର୍ତ୍ତାବଳୀ ଗ୍ରହଣ କରିବାକୁ ମନା କରିଛନ୍ତି। ଆମେ ୨୧ ଘଣ୍ଟା ଧରି ଏହି କାର୍ଯ୍ୟରେ ଅଛୁ ଏବଂ ଇରାନମାନଙ୍କ ସହିତ ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଛୁ। ଖରାପ ଖବର ହେଉଛି ଯେ ଆମେ କୌଣସି ଚୁକ୍ତିରେ ପହଞ୍ଚି ନାହୁଁ।' ଅନ୍ୟପଟେ ଏହି ଆଲୋଚନା ବିଫଳ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଦୁର୍ଭାଗ୍ୟବଶତଃ ଏହି ଆଲୋଚନାରେ କୌଣସି ଆଲୋଚନା ହୋଇନାହିଁ। ଆମକୁ ସେମାନଙ୍କ ସହ ନିଶ୍ଚୟ ଏକ ଚୁକ୍ତି କରିବାକୁ ପଡ଼ିବ। ଟ୍ରମ୍ପଙ୍କ କହିବାର କିଛି ଘଣ୍ଟା ପରେ ପୁଣି ଆମେରିକାର ଉପରାଷ୍ଟ୍ରପତି ଜେ.ଡି ଭାନ୍ସ ବିବୃତ୍ତି ରଖି କହିଥିଲେ ଯେ ଆଲୋଚନାର ଫଳାଫଳ ଯାହା ହେଉନା କାହିଁକି ଆମେରିକା ଜିତିଛି। ଆମେ ସେହି ଦେଶକୁ ସମ୍ପୂର୍ଣ୍ଣ ପରାସ୍ତ କରିଛୁ। ଇରାନକୁ ଏହାର କାର୍ଯ୍ୟକ୍ରମ ବନ୍ଦ କରିବାକୁ ଏବଂ ଏହାର ୟୁରାନିୟମ ସମୃଦ୍ଧି ବନ୍ଦ କରିବାକୁ କୁହାଯାଇଥିଲା, କିନ୍ତୁ ଇରାନ କୌଣସି ସ୍ପଷ୍ଟ ଉତ୍ତର ରଖିନଥିଲା ବୋଲି ଭାନ୍ସ କହିଛନ୍ତି। ଅନ୍ୟପକ୍ଷରେ ଇରାନ କହିଛି ଯେ, ଏହା ପରାମଣୁ ବୋମା ନିର୍ମାଣ କରୁନାହିଁ। ୱାସିଂଟନ ଦ୍ୱାରା କରାଯାଇଥିବା ଦାବି 'ଅଯୌକ୍ତିକ' ଥିଲା। ଇସଲାମାବାଦରେ ଇରାନୀ ପ୍ରତିନିଧିମଣ୍ଡଳର ନେତୃତ୍ୱ ନେଇଥିବା ଇରାନ ସଂସଦର ବାଚସ୍ପତି ମହମ୍ମଦ ବାଘେର ଗାଲିବାଫ ଆଲୋଚନା ବିଫଳ ପାଇଁ ଆମେରିକାକୁ ଦାୟୀ କରିଛନ୍ତି। ଇରାନ ସରକାରୀ ପ୍ରସାରକ ଟେଲିଗ୍ରାମରେ ରିପୋର୍ଟ କରିଛନ୍ତି ଯେ, ଜାତୀୟ ସ୍ୱାର୍ଥ ଏବଂ ଇରାନ ଲୋକଙ୍କ ଅଧିକାରୀକୁ ସୁରକ୍ଷା ଦେବା ପାଇଁ ଇରାନୀ ପ୍ରତିନିଧି ଦଳ ଇସଲାମାବାଦରେ ଆମେରିକା ସହିତ ୨୧ ଘଣ୍ଟା ଆଲୋଚନା କରିଛନ୍ତି। ଇରାନୀ ପ୍ରତିନିଧି ଦଳର ସକରାତ୍ମକ ଆଭିମୁଖ୍ୟ ସତ୍ତ୍ୱେ, ଆମେରିକା ଅଯୌକ୍ତିକ ଦାବି କରିଥିଲା। ଫଳରେ ଆମେରିକା ଅଟକିଯାଇଥିଲା ଏବଂ କୌଣସି ଫଳାଫଳ ବିନା ଶେଷ ହୋଇଥିଲା।

# ମୁଖ୍ୟମନ୍ତ୍ରୀ ଭେଟିଦେଲେ ୩୦୧ କୋଟି ବିନିଯୋଗରେ ୫୫ ପ୍ରକଳ୍ପ

ଭୁବନେଶ୍ୱର,(ଜା.ପ୍ର): ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଆନନ୍ଦପୁର ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୬୭ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗରେ ୪୧ଟି ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ୩୪ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ୧୪ଟି ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ମୁଖ୍ୟ ନଗର ଓ ଏହା ପ୍ରାଚୀନ କାଳରୁ ଏକ ପ୍ରସିଦ୍ଧ ନଗରୀ ଭାବେ ଖ୍ୟାତି ଲାଭ କରିଛି। ଓଡ଼ିଶାର ଧର୍ମ ପରମ୍ପରାରେ ଆନନ୍ଦପୁରର ସ୍ୱତନ୍ତ୍ରତା ରହିଛି। ସେ ଆନନ୍ଦପୁର ଅଞ୍ଚଳର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଏହି ପବିତ୍ର ଭୂମି ଧର୍ମୀୟ ସମନ୍ୱୟ ଓ ସଂସ୍କୃତିକ ଐତିହ୍ୟର ଏକ



ଅନନ୍ୟ ଦୃଷ୍ଟାନ୍ତ ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆନନ୍ଦପୁର ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ବରଂ ଗ୍ରାମୀଣ ଓ ଲୋକସଂସ୍କୃତିକୁ ଲୋକମାନଙ୍କ ସମ୍ମୁଖରେ ଆଣିବାର ଏକ ପ୍ରଭାବଶାଳୀ ମଞ୍ଚ। ଏହା ମାଧ୍ୟମରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଉଛି ଓ ଲୋକନୃତ୍ୟ, ଲୋକସଙ୍ଗୀତ ପରମ୍ପରାକୁ ସୁରକ୍ଷିତ ରଖାଯାଉଛି।

ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କରିଥିଲେ ଯେ ଖୁବ୍ ଶୀଘ୍ର ଆନନ୍ଦପୁରରେ ଇନ୍‌ଡୋର୍ ଷ୍ଟାଡ଼ିୟମ୍ ଓ ଫୁଟବଲ ଷ୍ଟାଡିୟମ୍ ହେବ। ଏହି ଷ୍ଟାଡିୟମ୍ ନିର୍ମାଣରେ ଯାହା ବି ଅର୍ଥ ଆବଶ୍ୟକ ହେବ ସେ ସମସ୍ତ ଖର୍ଚ୍ଚ ଆମ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମହିଳା ଓ ଗରିବ ଲୋକଙ୍କ ସଶକ୍ତିକରଣ ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉଲ୍ଲେଖ କରି 'ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା', 'କନ୍ୟା ବିବାହ' ଓ 'କନ୍ୟା ସୁମଙ୍ଗଳ' ଯୋଜନାର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ଏହା ମାଧ୍ୟମରେ ଗରିବ ପରିବାରର ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଥିଲେ ଯେ ଆନନ୍ଦପୁର ସ୍ଥାନଟି ତାଙ୍କ ହୃଦୟର ନିକଟରେ ରହିଛି। କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଡକ୍ଟର ଫକୀର ମୋହନ ନାଏକ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଉପଜିଲ୍ଲାପାଳ ଆନନ୍ଦପୁର ନୀଳମାଧବ ସୁନା, ଆନନ୍ଦପୁର ମହୋତ୍ସବ କମିଟି ସଦସ୍ୟ ରାମଚନ୍ଦ୍ର ସାହୁ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

CMYK

ଜାତୀୟ ଚେତନା
JATIYA CHETANA



## ମହିଳା ସଂରକ୍ଷଣ ପାଇଁ ସଂସଦର ସ୍ୱତନ୍ତ୍ର ଅଧିବେଶନ

# ସାଂସଦଙ୍କୁ ହ୍ୱିପ୍ ଜାରିକଲା ବିଜେପି, ଏପ୍ରିଲ୍ ୧୬-୧୮ ସଂସଦରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତୀୟ ଜନତା ପାର୍ଟି (ବିଜେପି) ନିଜର ସମସ୍ତ ଲୋକସଭା ଏବଂ ରାଜ୍ୟସଭା ସାଂସଦଙ୍କୁ ତିନି ଲାଇନ୍‌ର ହ୍ୱିପ୍ ଜାରି କରି ଏପ୍ରିଲ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦରେ ଉପସ୍ଥିତ ରହିବାକୁ କହିଛି। ଏହି ଅବସରରେ କାହାରିକୁ ଛୁଟି ଦିଆଯିବ ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନାରୀଶକ୍ତି ବନ୍ଦନ ଅଧିନିୟମରେ ସଂଶୋଧନର ଡ୍ରାଫ୍ଟ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ସରକାର ବଜେଟ୍ ଅଧିବେଶନକୁ ବୃଦ୍ଧି କରି ଏପ୍ରିଲ୍ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇଛନ୍ତି। ସଂସଦରେ ମଞ୍ଜୁରୀ ମିଳିବା ପରେ ଏହି ଆଇନ ୨୦୨୯ ମାର୍ଚ୍ଚ ୩୧ରୁ ଲାଗି ହେବ ଏବଂ ସେହିବର୍ଷ ହେବାକୁ ଥିବା ଲୋକସଭା ନିର୍ବାଚନରେ ଏହା ପ୍ରଭାବଶାଳୀ ହେବ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକସଭା ଏବଂ ରାଜ୍ୟସଭାରେ ସମସ୍ତ ଦଳର ନେତାଙ୍କୁ ପତ୍ରଲେଖି 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଉପରେ ସମର୍ଥନ ଲୋଡ଼ିଛନ୍ତି। ପ୍ରଧାମନ୍ତ୍ରୀ ଏଥିରେ ଲେଖିଛନ୍ତି ଏବେ ଏହି ଆଇନକୁ ସାରା ଦେଶରେ ଠିକ୍ ଭାବେ ଲାଗୁ କରିବାକୁ ସମୟ ଆସିଯାଇଛି।

# ଜୁଲାଇ ୩ରୁ ଆରମ୍ଭ ହେବ ଅମରନାଥ ଯାତ୍ରା

ନୂଆଦିଲ୍ଲୀ,(ଏଜେନ୍ସି): ଅମରନାଥ ଯାତ୍ରାର ତାରିଖ ଘୋଷିତ ହୋଇଛି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ରବିବାର କହିଛନ୍ତି, ଚଳିତ ବର୍ଷର ଏହି ଯାତ୍ରା ଜୁଲାଇ ୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୫୭ ଦିନ ଧରି ଚାଲିବାକୁ ଥିବା ଏହି ଯାତ୍ରା ପାଇଁ ଜମ୍ମୁର ଭଗବତୀ ନଗର ବେସ୍ କ୍ୟାମ୍ପରୁ ପ୍ରଥମ ଦଳ ଯାତ୍ରାରମ୍ଭ କରିବ। ଯାତ୍ରା ପାଇଁ ଏପ୍ରିଲ୍ ୧୫ରୁ ରେଜିଷ୍ଟ୍ରେନ୍ ଆରମ୍ଭ ହେବ। ଉପରାଜ୍ୟପାଳ ସିହ୍ନା ଯାତ୍ରା ସମ୍ପର୍କରେ ସୂଚନା ଦେଇ ମିଡିଆକୁ କହିଛନ୍ତି, ୧୩ରୁ ୭୦ ବର୍ଷ ବୟସର ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇପାରିବେ। ଗୁମ୍ଫାରେ ପ୍ରଥମ ପୂଜା ଜୁନ୍ ୧୯ ତାରିଖ ଜ୍ୟେଷ୍ଠ ପୂର୍ଣ୍ଣିମାରେ କରାଯିବ। ଯାତ୍ରା ପାଇଁ ଅନନ୍ତନାଗରୁ ପାରମ୍ପରିକ ୪୮ କିଲୋମିଟର ଲମ୍ବା ନୁନ୍‌ୱାନ୍-ମହଲଗାମ୍ ରୁଟ୍ ଏବଂ ଗାନ୍ଦରବଲ୍‌ରୁ ୧୪ କିଲୋମିଟର ଲମ୍ବା ବାଲଟାଲ୍ ରୁଟ୍ ଖୋଲା ରହିବ। ଉପରାଜ୍ୟପାଳ କହିଛନ୍ତି, ସାରା ଦେଶର ପ୍ରାୟ ୫୫୬ ନିର୍ଦ୍ଧାରିତ ବ୍ୟାଙ୍କ ଶାଖା ଜରିଆରେ ଯାତ୍ରା ପାଇଁ ଅଫ୍‌ଲାଇନ୍ ରେଜିଷ୍ଟ୍ରେସନ୍ କରାଯାଇପାରିବ। ସେହିପରି ଶ୍ରୀ ଅମରନାଥଜୀ ଶ୍ରାଇନ୍ ବୋର୍ଡର ଆଧିକାରିକ ୱେବ୍‌ସାଇଟ୍ ଜରିଆରେ ଅନ୍‌ଲାଇନ୍ ରେଜିଷ୍ଟ୍ରେସନ୍ ମଧ୍ୟ ହେବ। ରେଜିଷ୍ଟ୍ରେସନ୍ ପାଇଁ ୟଶ୍ ବ୍ୟାଙ୍କ, ଆଇସିଆଇସି ବ୍ୟାଙ୍କ, ପଞ୍ଜାବ ନାସ୍‌ନାଲ୍ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଏବଂ ଆକ୍ସିସ୍ ବ୍ୟାଙ୍କ୍‌ର ଶାଖାଗୁଡ଼ିକରେ ଫର୍ମ ଉପଲବ୍ଧ ହେବ। ଉପରାଜ୍ୟପାଳ ସିହ୍ନାଙ୍କ ଅନୁସାରେ ଗତବର୍ଷ ତୁଳନାରେ ଚଳିତ ବର୍ଷ ବ୍ୟବସ୍ଥାରେ ୨୫% ବୃଦ୍ଧି କରାଯାଇଛି। ଟ୍ରାକିଂ ଏବଂ ସୁରକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଆର୍‌ଏଫ୍‌ଆଇଡି କାର୍ଡର ଆରମ୍ଭ କରାଯାଇଛି। ତୀର୍ଥଯାତ୍ରୀଙ୍କ ପାଇଁ ଗ୍ରୁପ୍ ଆକ୍ସିଡେଣ୍ଟ ଇନସ୍ୟୁରାନ୍ସ କବର୍‌କୁ ଦ୍ୱିଗୁଣ କରି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା କରାଯାଇଛି। ଯାତ୍ରା ବେଳେ ବ୍ୟବହୃତ ଟଟ୍ଟୁ ଘୋଡ଼ାଙ୍କ ମୃତ୍ୟୁରେ ୫୦ ହଜାର ଟଙ୍କା କ୍ଷତିପୂରଣ ଦିଆଯିବ।

# ହର୍ମୁଜ ଦେଇ ଭାରତକୁ ଆସୁଛି ୨୦,୪୦୦ ମେଟ୍ରିକ ଟନ୍ ଏଲ୍‌ପିଜି




ନୂଆଦିଲ୍ଲୀ,(ଏଜେନ୍ସି): ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ କୂଟନୀତିକ ଓ ବାଣିଜ୍ୟିକ ପଦକ୍ଷେପ ଜାରି ରହିଛି। ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ରହିଛନ୍ତି ଭାରତ ସରକାର। ଶକ୍ତି ଯୋଗାଣକୁ ନିରନ୍ତର ରକ୍ଷା କରିବା ସହ ସାମୁଦ୍ରିକ କାର୍ଯ୍ୟ ଏବଂ ସେହି ଅଞ୍ଚଳରେ ଥିବା ଭାରତୀୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ଭାରତର ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ଶକ୍ତି ଯୋଗାଣକୁ ନିରନ୍ତର କରିବା ସହ ଜାଳେଣିର ସହଜ ଉପଲବ୍ଧି ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ହାତକୁ ନେଇଛି। ହର୍ମୁଜ ପ୍ରଣାଳୀ ଦେଇ ଗ୍ୟାସ୍ ଓ ତୈଳ ବୋଝେଇ ଜାହାଜ କିପରି ଭାରତ ଆସିପାରିବ ସେଥିନେଇ କୂଟନୀତିକ ଆଲୋଚନା ସଫଳତା ହାସଲ କରୁଥିବା ସମୟରେ ଦେଶବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି ସରକାର। ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଆତଙ୍କିତ ହୋଇ ନ କିଣିବାକୁ କୁହାଯାଇଛି। ଏ କ୍ଷେତ୍ରରେ ବାହାର ବା ଅସମର୍ଥିତ ସୂଚନାକୁ ଆଧାର ନ କରି କେବଳ  କେବଳ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି। ଏହାରି ଭିତରେ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସାମୁଦ୍ରିକ ସୁରକ୍ଷା ଏବଂ ପରିବହନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଭାରତୀୟ ପତାକାଧାରୀ ଏଲପିଜି ଜାହାଜ 'ଜଗ ବିକ୍ରମ' ପ୍ରାୟ ୨୦,୪୦୦ ମେଟ୍ରିକ ଟନ୍ ଏଲପିଜି କାର୍ଗୋ ଧରି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଏହା ୧୫ ଏପ୍ରିଲ ୨୦୨୬ ସୁଦ୍ଧା ମୁମ୍ବାଇରେ ପହଞ୍ଚିବାର ସମ୍ଭାବନା ଅଛି। ବର୍ତ୍ତମାନର ସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଞ୍ଚୟ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି।

ଚାଲିଥିବା ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନଜି ଯୋଗାଣ ସହିତ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତି। ରିଫାଇନେରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଯୋଗାଣ ପାଇଁ ପ୍ରାଥମିକତା କ୍ଷେତ୍ର ନିର୍ଦ୍ଧାରଣ କରାଯାଇଛି। କଳାବଜାରୀ ଏବଂ ମହଜୁଦକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅଧୀନରେ କ୍ଷମତା ଦିଆଯାଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଦୈନନ୍ଦିନ ପ୍ରବର୍ତ୍ତନ ଅଭିଯାନକୁ ଜୋରଦାର କରିବା ଏବଂ ସୋସିଆଲ ମିଡିଆରେ ଗୁଜବକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ୨୪ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ନିୟମିତ ଏ ବାବଦରେ ଗଣମାଧ୍ୟମକୁ ସୂଚିତ କରୁଛନ୍ତି। ଏବେକାର ଏଲପିଜି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଲପିଜି ବିତରକଙ୍କ ପାଖରେ କୌଣସି ଷ୍ଟକ୍ ଅଭାବ  ହୋଇନାହିଁ। ଇଣ୍ଡଷ୍ଟ୍ରିରେ ଅନଲାଇନ ଏଲପିଜି ବୁକିଂ ପ୍ରାୟ ୯୮% କୁ ବୃଦ୍ଧି ପାଇଛି। ୧୦.୦୪.୨୦୨୬ ରେ, ୫୧.୫ ଲକ୍ଷରୁ ଅଧିକ ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଛି। ଛାତ୍ର ଏବଂ ପ୍ରବାସୀ ଶ୍ରମିକଙ୍କ ସମେତ ଅସହାୟ ସମ୍ପ୍ରଦାୟକୁ ୨୩ ମାର୍ଚ୍ଚ ୨୦୨୬ ରୁ ୧୨ ଲକ୍ଷରୁ ଅଧିକ ୫ କିଲୋଗ୍ରାମର ମୁକ୍ତ ବ୍ୟାପାର (ଏଫଟିଏଲ୍) ସିଲିଣ୍ଡର ବିକ୍ରି କରାଯାଇଛି।ବର୍ତ୍ତମାନ ସୁଦ୍ଧା ଉପସାଗରୀୟ ଅଞ୍ଚଳରୁ ୨,୦୦୯ ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ମିଶନଗୁଡ଼ିକ ଚବିଶ ଘଣ୍ଟିଆ ହେଲ୍ପଲାଇନ ଚଳାଉଛନ୍ତି ଏବଂ ଭାରତୀୟ ନାଗରିକମାନଙ୍କୁ ସକ୍ରିୟ ସହାୟତା ପ୍ରଦାନ କରୁଛନ୍ତି। ୨୮ ଫେବୃଆରୀ ପରଠାରୁ ପ୍ରାୟ ୮,୭୧,୦୦୦ ଯାତ୍ରୀ ସେହି ଅଞ୍ଚଳରୁ ଭାରତ ଭ୍ରମଣ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍‌ସକୁ ପ୍ରାୟ ୯୫ଟି ବିମାନ ଆଜି ଚଳାଚଳ କରିବାର ଆଶା ଅଛି। ଇରାନା ରାଜଧାନୀ ତେହେରାନରେ ଥିବା ଭାରତୀୟ ଦୂତାବାସ ଏପର୍ଯ୍ୟନ୍ତ ୨,୨୨୫ ଜଣ ଭାରତୀୟ ନାଗରିକଙ୍କୁ (୯୮୧ ଜଣ ଛାତ୍ର ଏବଂ ୬୬୨ ଜଣ ମତ୍ସ୍ୟଜୀବୀଙ୍କ ସମେତ) ଆର୍ମେନିଆ ଏବଂ ଆଜରବାଇଜାନ ମାଧ୍ୟମରେ ଭାରତକୁ ଯିବାରେ ସହାୟତା କରିଛି।

# ବଢ଼ିଲା ଡିଜେଲ୍, ଏଟିଏଫ୍ ରପ୍ତାନୀ ଶୁଳ୍କ

ନୂଆଦିଲ୍ଲୀ,(ଏଜେନ୍ସି): ଦେଶରେ ଘରୋଇ ଇନ୍ଧନ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ଭାରତ ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର ଡିଜେଲ, ଜେଟ୍ ବା ବିମାନ ଇନ୍ଧନ (ଏଟିଏଫ୍)ର ରପ୍ତାନୀ ଶୁଳ୍କକୁ ଅନୁମାନ ଠାରୁ ଅଧିକ ବୃଦ୍ଧି କରିଛନ୍ତି। ଏସମ୍ପର୍କରେ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ମଧ୍ୟ ଜାରି କରାଯାଇଛି। ଏଥିରେ ଡିଜେଲର ରପ୍ତାନି ଶୁଳ୍କକୁ ଦ୍ୱିଗୁଣରୁ ଅଧିକ ବୃଦ୍ଧି କରି ଲିଟର ପିଛା ୨୧.୫ ଟଙ୍କାରୁ ୫୫.୫୦ ଟଙ୍କା କରାଯାଇଛି, ଯେତେବେଳେ କି ଜେଟ୍ ଇନ୍ଧନ ରପ୍ତାନି ଉପରେ, ଲେଭିକୁ ତୁରନ୍ତ ପ୍ରଭାବରେ ୨୯.୫ ଟଙ୍କାରୁ ୪୨.୦୦ ଟଙ୍କା କରାଯାଉଥିବା ନେଇ ସୂଚନା ଦିଆଯାଇଛି। ତେବେ ବର୍ତ୍ତମାନ ସମୟରେ ସରକାର ପେଟ୍ରୋଲ ଉପରେ କିନ୍ତୁ ରପ୍ତାନୀ ଶୁଳ୍କକୁ ପୂର୍ବବତ୍ ଶୂନ୍ୟ (୦) ହିଁ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସୁତରାଂ ପେଟ୍ରୋଲ ରପ୍ତାନୀ କ୍ଷେତ୍ରରେ ରପ୍ତାନୀକାରୀ କମ୍ପାନୀଗୁଡ଼ିକୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ପଶ୍ଚିମ ଏସିଆ ଯୁଦ୍ଧ ଯୋଗୁଁ ବିଶ୍ୱବ୍ୟାପୀ ତୈଳ ଏବଂ ଇନ୍ଧନ ମୂଲ୍ୟ ବୃଦ୍ଧି ମଧ୍ୟରେ, ସରକାର ତୁରନ୍ତ ପ୍ରଭାବ ଅନ୍ତର୍ଗତ ଏହି ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଦେଶର ରିଫାଇନର୍ସମାନଙ୍କୁ ଇନ୍ଧନ ରପ୍ତାନୀ କରିବାରୁ ନିବୃତ୍ତ କରାଯାଇପାରିବ ଏବଂ ଘରୋଇ ବଜାରରେ ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରାଯାଇପାରିବ ବୋଲି ଅର୍ଥ ମନ୍ତ୍ରଣାଳୟ ଦର୍ଶାଇଛି। ତେବେ କେବଳ ଡିଜେଲ୍ ଓ ଏଟିଏଫ୍‌ର ରପ୍ତାନୀ ଶୁଳ୍କ ନୁହେଁ ବରଂ ଘରୋଇ ଇନ୍ଧନ ଟିକସରେ ମଧ୍ୟ ସରକାର ଏକ ବ୍ୟାପକ ସଂଶୋଧନ କରିଛନ୍ତି। ସରକାର ହାଇ-ସ୍ପିଡ୍ ଡିଜେଲ୍ ଉପରେ ସ୍ୱତନ୍ତ୍ର ଅତିରିକ୍ତ ଉତ୍ପାଦ ଶୁଳ୍କକୁ ଲିଟର ପିଛା ୨୪ ଟଙ୍କା ଏବଂ ସଡ଼କ ଏବଂ ଭିତ୍ତିଭୂମି ସେସ୍ ପ୍ରତି ଲିଟର ପିଛା ୩୬ ଟଙ୍କାକୁ ବୃଦ୍ଧି କରିଛନ୍ତି, ଯାହାକି ତୁରନ୍ତ ପ୍ରଭାବୀ ମୋଡ୍‌ରେ କାର୍ଯ୍ୟକାରୀ ହେବ। ଆର୍ଥିକ ଆଇନ, ୨୦୦୨ର ଅଷ୍ଟମ ସୂଚୀ ସଂଶୋଧନ କରି ଉତ୍ପାଦ ଶୁଳ୍କରେ ମଧ୍ୟ ବୃଦ୍ଧି କରାଯାଇଛି, ଯେତେବେଳେ କି ଆର୍ଥିକ ଆଇନ, ୨୦୧୮ ଢାଞ୍ଚାରେ ପରିବର୍ତ୍ତନ ମାଧ୍ୟମରେ ସଡ଼କ ଏବଂ ଭିତ୍ତିଭୂମି ସେସ୍‌ରେ ବୃଦ୍ଧି କରାଯାଇଛି।  ବିଶ୍ୱସ୍ତରୀୟ ଅଶୋଧିତ ତୈଳ ମୂଲ୍ୟ ଅସ୍ଥିର ରହିବା ସତ୍ତ୍ୱେ, ଇନ୍ଧନ କର ଆର୍ଥିକ ସମର୍ଥନର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ହୋଇ ରହିଥିବା ସମୟରେ ସରକାରୀ ରାଜସ୍ୱକୁ ସୁଦୃଢ଼ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ଭାରତ, ଏହାର ଯଥେଷ୍ଟ ବିଶୋଧନ କ୍ଷମତା ଏବଂ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍  ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍, ଭାରତ ପେଟ୍ରୋଲିୟମ୍ କର୍ପୋରେସନ୍, ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ୍ ଭଳି କମ୍ପାନୀଗୁଡ଼ିକ ସହିତ, ଏକ ବିଶ୍ୱ ରପ୍ତାନିକାରୀ ଭାବରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେବେ ଏହି ନୂତନ ତଥା ବର୍ଦ୍ଧିତ ରପ୍ତାନୀ ଶୁଳ୍କ ସିଧାସଳଖ ଭାବରେ ଏହି କମ୍ପାନୀଗୁଡ଼ିକ ଅନ୍ତର୍ଜାତୀୟ ବିକ୍ରୟରୁ ଉପଭୋଗ କରିଥିବା ଲାଭଜନକ ମଧ୍ୟସ୍ଥତା ସୁଯୋଗ ଏବଂ ଲାଭ ସମ୍ଭାବନାକୁ ମାତ୍ରାଧିକ ହ୍ରାସ କରିଦେଇଛି। କାରଣ ବର୍ଦ୍ଧିତ ରପ୍ତାନି ଶୁଳ୍କ ସିଧାସଳଖ ରିଫାଇନର୍ସମାନଙ୍କୁ ସେମାନଙ୍କ ଉତ୍ପାଦନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ସହିତ ଅନ୍ତର୍ଜାତୀୟ ବଜାର ପାଇଁ ଉଦ୍ଦିଷ୍ଟ କ୍ଷତି ପହଞ୍ଚାଏ।

# ନକଲି ସୁନାରେ ୫୭ ଲକ୍ଷ ଲୋନ୍

ନୂଆଦିଲ୍ଲୀ,(ଏଜେନ୍ସି): ବ୍ୟାଙ୍କ୍‌ରେ ବନ୍ଧକ ରଖିଲେ ନକଲି ସୁନା, ଆଉ ଉଠାଇ ଆଣିଲେ ଲକ୍ଷ ଲକ୍ଷ ଟଙ୍କାର ଋଣ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଉତ୍ତର ପ୍ରଦେଶର ପ୍ରୟାଗରାଜ ଅଞ୍ଚଳରେ। ପ୍ରୟାଗରାଜର ସିଭିଲ୍ ଲାଇନ୍ସରେ ଥିବା ଏକ ଘରୋଇ ବ୍ୟାଙ୍କ୍ ଶାଖାରେ ଏକ ବଡ଼ ସୁନା ଋଣ ଠକେଇ ସାମ୍ନାକୁ ଆସିଛି। ଏହି ବ୍ୟାଙ୍କ୍‌ରେ ଠକମାନେ ଚତୁରତାର ସହିତ ନକଲି ସୁନାକୁ ବନ୍ଧକ ଭାବରେ ବ୍ୟବହାର କରି ପ୍ରକୃତ ସୁନା ଋଣ ହାସଲ କରିଥିଲେ, ଆଉ ବ୍ୟାଙ୍କରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଇଥିଲେ। ବ୍ୟାଙ୍କର ସହାୟକ ମହାପ୍ରବନ୍ଧକ ପଙ୍କଜ ବର୍ମାଙ୍କ ଅଭିଯୋଗ ଆଧାରରେ, ମୋଟ ୧୭ ଜଣଙ୍କ ବିରୋଧରେ ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏବେ ତଦନ୍ତ ଆରମ୍ଭ କରି ଅଭିଯୁକ୍ତମାନଙ୍କୁ ଖୋଜୁଛି। ତଦନ୍ତରୁ ଜଣାପଡିଛି ଯେ ମୋଟ ୧୮ଟି ସୁନା ଋଣ ଆକାଉଣ୍ଟ ମାଧ୍ୟମରେ ଏହି ଠକେଇ କରାଯାଇଛି। ଏହି ଆକାଉଣ୍ଟ ମାଧ୍ୟମରେ, ଅଭିଯୁକ୍ତମାନେ ବ୍ୟାଙ୍କରୁ ପ୍ରାୟ ୫୭ ଲକ୍ଷ ୧୯ ହଜାର ୮୦୦ ଟଙ୍କା ଋଣ ପାଇଥିଲେ। ସୁଧ ସହିତ ଏହି ପରିମାଣ ଏବେ ୬୪ ଲକ୍ଷରୁ ଅଧିକ ହୋଇଛି ।

ଠକମାନେ ସୁଚିନ୍ତିତ ଯୋଜନା ମାଧ୍ୟମରେ ଏହି ଠକେଇ କରିଥିଲେ। ଅଭିଯୁକ୍ତମାନେ ବ୍ୟାଙ୍କରେ ନକଲି ସୁନାକୁ ବନ୍ଧକ ରଖିଥିଲେ। ଆଉ ଏକ ମିଛ ସୁନା ମୂଲ୍ୟାଙ୍କନକାରୀଙ୍କ ରିପୋର୍ଟ ଆଧାରରେ ଋଣ ଅନୁମୋଦନ ପାଇଥିଲେ। ବ୍ୟାଙ୍କଗୁଡ଼ିକ ସାଧାରଣତଃ ମୂଲ୍ୟାଙ୍କନକାରୀଙ୍କ ରିପୋର୍ଟ ଆଧାରରେ ସୁନା ଋଣ ମଞ୍ଜୁର କରିଥିଲେ, ଯାହାକୁ ଏହି ସମ୍ପୂର୍ଣ୍ଣ ସିଣ୍ଡିକେଟ୍ ଠକେଇ କରିବା ପାଇଁ ବ୍ୟବହାର କରିଥିଲେ। ବ୍ୟାଙ୍କର ନିୟମିତ ପ୍ରକ୍ରିୟା ଅନୁଯାୟୀ, ବନ୍ଧକ ସୁନାର ପୁନଃପରୀକ୍ଷା କରାଯିବା ପରେ ଏହି ଘଟଣା ସାମ୍ନାକୁ ଆସିଲା। ଦ୍ୱିତୀୟ ସୁନା ମୂଲ୍ୟାଙ୍କନକାରୀଙ୍କ ଦ୍ୱାରା କରାଯାଇଥିବା ଏହି ତଦନ୍ତରୁ ଜଣାପଡିଲା ଯେ ବନ୍ଧକ ସୁନା ଅସଲି ନୁହେଁ ବରଂ ନକଲି। ଏହା ଜଣାପଡ଼ିବା ପରେ ବ୍ୟାଙ୍କ ଅଧିକାରୀମାନେ ତୁରନ୍ତ ଏକ ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଏହା ମଧ୍ୟ ଜଣାପଡିଥିଲା ଯେ ଏହି ଠକେଇରେ କେବଳ ଗ୍ରାହକ ନୁହେଁ ବରଂ ସୁନା ମୂଲ୍ୟାଙ୍କନକାରୀଙ୍କ ଭୂମିକା ମଧ୍ୟ ସନ୍ଦେହଜନକ ଥିଲା। ବର୍ତ୍ତମାନ ପୁଲିସ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଛି।

ଜାତୀୟ ଚେତନା
JATIYA CHETANA



# ବଢ଼ିଲା ମହାନଦୀ ଟ୍ରିବ୍ୟୁନାଲ୍ ଅବଧି: ୨୦୨୭ ଜାନୁୟାରୀ ୧୩ ପର୍ଯ୍ୟନ୍ତ ବୃଦ୍ଧି

ଭୁବନେଶ୍ୱର,(ଜା.ପ୍ର): ମହାନଦୀ ଜଳବିବାଦର ସମାଧାନ ପାଇଁ ଗଠିତ ମହାନଦୀ ଜଳ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳକୁ କେନ୍ଦ୍ର ସରକାର ଆଉ ୯ମାସ ପାଇଁ ବୃଦ୍ଧି କରିଛନ୍ତି। ଏନେଇ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ସହ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। କେନ୍ଦ୍ର ଜଳଶକ୍ତି ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲଙ୍କ ଅବଧି ଏପ୍ରିଲ ୧୪ରୁ ଆଉ ୯ମାସ ଅର୍ଥାତ୍ ୨୦୨୭ ଜାନୁୟାରୀ ୧୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅବଧି ସୁଦ୍ଧା ଟ୍ରିବ୍ୟୁନାଲଙ୍କୁ ନିଜର ରିପୋର୍ଟ ଓ ନିଷ୍ପତ୍ତି ପ୍ରଦାନ କରିବାକୁ ହେବ। ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ମହାନଦୀ ଜଳବିବାଦ ଯୋଗୁ ୨୦୧୮ ମସିହା ମାର୍ଚ୍ଚ ୧୨ ତାରିଖରେ ଏହି ଟ୍ରିବ୍ୟୁନାଲ ଗଠନ କରାଯାଇଥିଲା। କୋଭିଡ୍ ମହାମାରୀ ଓ ୨୦୨୪ ମାର୍ଚ୍ଚ ମାସରେ ଟ୍ରିବ୍ୟୁନାଲର ତତ୍କାଳୀନ ଅଧ୍ୟକ୍ଷ ଜଷ୍ଟିସ ଏଏମ. ଖାନୱିଲକରଙ୍କ ଇସ୍ତଫା ଯୋଗୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଆଉ ୯ମାସ ସମୟ ବୃଦ୍ଧି କରାଯାଇଥିବା ଜଣାପଡ଼ିଛି। ତୃତୀୟଥର ପାଇଁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ହୋଇଛି। ପୂର୍ବରୁ ୨୦୨୧ ଓ ୨୦୨୩ ମସିହାରେ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବଢ଼ିଥିଲା। ଅନ୍ୟପକ୍ଷରେ ଟ୍ରିବ୍ୟୁନାଲରେ ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୦ତାରିଖରେ ଧାର୍ଯ୍ୟ ହୋଇଛି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ଓ ମାମଲାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି ଯେ, ମହାନଦୀ ଟ୍ରିବ୍ୟୁନାଲଙ୍କ ଅବଧି ଆସନ୍ତାକାଲି ଶେଷ ହେଉଥିବାବେଳେ କେନ୍ଦ୍ର ସରକାର ଏହାର କାର୍ଯ୍ୟକାଳକୁ ୨୦୨୭ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଆଜି ଟ୍ରିବ୍ୟୁନାଲଙ୍କ ଶୁଣାଣିବେଳେ ଗତ ଅଗଷ୍ଟ ମାସଠାରୁ ଅଦ୍ୟାବଧି ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବୈଷୟିକ କମିଟି, ମୁଖ୍ୟ ସଚିବ ଓ ଜଳସମ୍ପଦ ବିଭାଗ ସଚିବଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଟ୍ରିବ୍ୟୁନାଲଙ୍କୁ ଅବଗତ କରାଯାଇଛି। ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀସ୍ତରରେ ଯେଉଁ ସବୁ ବାର୍ତ୍ତାଳାପ ଚାଲିଛି ଓ ଆପୋଷ ଆଲୋଚନା ମାଧ୍ୟମରେ ଯେଉଁ ନିଷ୍ପତ୍ତି ନିଆଯାଉଛି ତା'ର ବିବରଣୀ ଟ୍ରିବ୍ୟୁନାଲଙ୍କ ପାଖରେ ଉପସ୍ଥାପନ କରାଯାଇଥିଲା। ଅନେକ ବିବାଦୀୟ ବିଷୟରେ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଥିବାରୁ ଟ୍ରିବ୍ୟୁନାଲ ତାକୁ ରେକର୍ଡଭୁକ୍ତ କରିଛନ୍ତି ଓ ଗତ ୮ ଏପ୍ରିଲ ତାରିଖରେ ହୋଇଥିବା ଶେଷ ବୈଷୟିକ କମିଟି ବୈଠକର ବିବରଣୀକୁ ମଧ୍ୟ ସମୀକ୍ଷା କରିଛନ୍ତି। ଏହି ବର୍ଦ୍ଧିତ ୯ମାସ ମଧ୍ୟରେ ଦୁଇ ରାଜ୍ୟ ମଧ୍ୟରେ ଚାଲିଥିବା ଆପୋଷ ବୁଝାମଣା ଓ ଆଲୋଚନାର ସୁଫଳ ମିଳିବ ଓ ଓଡ଼ିଶାବାସୀଙ୍କ ସ୍ୱାର୍ଥକୁ ସୁରକ୍ଷିତ ରଖି ମହାନଦୀ ଜଳରାଶିର ସୁବିନିଯୋଗ ପାଇଁ ଏକ ଉଚିତ୍ ନିଷ୍କର୍ଷ ବାହାରିବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି। ଏବେ ଅନେକ ବିବାଦୀୟ ପ୍ରସଙ୍ଗରେ ସହମତି ହୋଇଥିବାରୁ ସେ ସମ୍ପୂର୍ଣ୍ଣ ଆଶାବାଦୀ ଅଛନ୍ତି ଓ ଏହା ଶୀର୍ଷ ନେତୃତ୍ୱ ଉପରେ ନିର୍ଭର କରୁଥିବାରୁ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଗାମୀ ଦିନର ଆଲୋଚନା ଏକ ଠିକ୍ ସମାଧାନ ଦେବ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗଠନ କରିଥିବା ହାଇପାୱାର କମିଟି ଆପୋଷ ଆଲୋଚନାରେ ସହାୟକ ହେବ ଓ ଶୀର୍ଷ ନେତୃତ୍ୱଙ୍କ ନିଷ୍ପତ୍ତି ଅନୁଯାୟୀ ଏହି ବିବାଦର ସମାଧାନ ହେବ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି।

## ନାରୀ ଶକ୍ତି ପାଇଁ ବିଶେଷ ଅଧିବେଶନ

# ୩୩% ସଂରକ୍ଷଣ ନୁହେଁ, ବରଂ ବିକଶିତ ଭାରତର ଆଧାରଶୀଳ



ଭୁବନେଶ୍ୱର,(ଜା.ପ୍ର): ଚଳିତ ବର୍ଷ ଏପ୍ରିଲ ୧୬ ରୁ ୧୮ ତାରିଖ ଦେଶର ୨୫ ବର୍ଷର ଅମୃତକାଳର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମୃତ ବେଳା ହେବାକୁ ଯାଉଛି ବୋଲି ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପ୍ରଭାତୀ ପରିଡ଼ା କହିଛନ୍ତି। ସଂସଦରେ ତ୍ରିଦିବସୀୟ ମାତୃଶକ୍ତି ବନ୍ଦନ ଅଧିନିୟମ ଉପରେ ବିଷଦ ଚର୍ଚ୍ଚା କେବଳ ଦେଶର ନାରୀଶକ୍ତିକୁ ୨୦୨୯ ମସିହାରେ ସଂସଦ ଓ ବିଧାନସଭାରେ ଏକ ତୃତୀୟାଂଶ ସଂରକ୍ଷଣ ଦେବନାହିଁ ବରଂ ୨୦୪୭ ମସିହାରେ ବିକଶିତ ଭାରତର ସ୍ୱପ୍ନକୁ ସଫଳ ରୂପାୟନ କରିବାର ଆଧାରଶୀଳା ହେବ। ଏହା ମହିଳାଙ୍କ ନେତୃତ୍ୱରେ ଅର୍ଥନୈତିକ ବିକାଶର ରାସ୍ତା ଖୋଲିବ ବୋଲି ଶ୍ରୀମତୀ ପରିଡ଼ା ରବିବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। "ସମ୍ମାନ, ସୁରକ୍ଷା, ସମାନତା, ସହଭାଗିତା, ସଶକ୍ତିକରଣ, ସ୍ୱାବଲମ୍ବନ ଓ ସମ୍ମାନଜନକ ନେତୃତ୍ୱ" – ୭ 'ସ' ହେଉଛି ନାରୀ ଅଧିକାର ପାଇଁ ମୂଳ ଆଧାର। ମହିଳାଙ୍କୁ ସ୍ଥାନ ସଂରକ୍ଷଣ ନୁହେଁ ବରଂ ବିଶ୍ୱର ସବୁଠୁ ବଡ଼ ଗଣତନ୍ତ୍ରର ଦୀର୍ଘଦିନର ବହୁ ପ୍ରତିକ୍ଷିତ ଶୁଭ ମୁହୁର୍ତ୍ତର ଅୟମାରମ୍ଭ ସହ ଏପ୍ରିଲ ୧୬ରୁ ୧୮ ଭିତରେ ମୋଦୀଜିଙ୍କ ନେତୃତ୍ୱରେ ଦୃଢ଼ ନିର୍ଣ୍ଣୟ ନେବାର ଶକ୍ତିକୁ ସାର ବିଶ୍ୱ ଦେଖିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରକାଶ କରିଛନ୍ତି। ୨୦୨୩ ମସିହାରେ ୧୨୮ତମ ସମ୍ବିଧାନ ସଂଶୋଧନ ଭାରତ ଇତିହାସର ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବରେ ଆମ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡିକରେ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ସଂରକ୍ଷଣ କେବଳ ମହିଳା ପ୍ରତିନିଧି ବୃଦ୍ଧିରେ ସୀମିତ ନୁହେଁ ବରଂ ନୀତି ନିର୍ମାଣକୁ ଅଧିକ ସମାବେଶୀ, ସମ୍ବେଦନଶୀଳ ଏବଂପ୍ରଭାବଶାଳୀ କରିବା ଦିଗରେ ଏକ ଦୃଢ଼ ପ୍ରୟାସ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ୩୩ ପ୍ରତିଶତ ମହିଳା ସଂରକ୍ଷଣର କ୍ରିୟାନ୍ୱୟନ ନିର୍ଣ୍ଣୟ ପ୍ରକ୍ରିୟାରୁ ଦୂରରେ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ମହିଳାଙ୍କୁ ନୀତି ରହିତାଧିକାରୀରୁ ନୀତିର ନିର୍ମାତା ହେବାର ପଥ ପ୍ରଶସ୍ତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନା, ମହିଳାଙ୍କ ମାଲିକାନାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜଳ ଜୀବନ ମିଶନରେ ଘରେ ଘରେ ପାଇପ ଯୋଗେ ପାନୀୟଜଳ, ଜନଧନ ଯୋଜନାରେ ବ୍ୟାଙ୍କଖାତା, ସ୍ୱୟଂସହାୟକ ଗୋଷ୍ଠୀରୁ ଲକ୍ଷପତି ଦିଦି, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ମହିଳା ସ୍ୱାଭିମାନ ଓ ସଶକ୍ତିକରଣର ସୁଦୃଢ ମୂଳଦୁଆ ଉପରେ ମାତୃ ଶକ୍ତିବନ୍ଦନ ଅଧିନୟମର ୩୩ ପ୍ରତିଶତ ମହିଳା ସ୍ଥାନ ସଂରକ୍ଷଣର ସୁଦୃଶ୍ୟ ଅଟାଳିକା ଠିଆହେବାକୁ ଯାଉଛି। ଏହି କ୍ରମରେ ମୋଦୀଙ୍କ ମାର୍ଗଦର୍ଶନରେ ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣର ପଥପ୍ରଦର୍ଶକ ହୋଇଛି। ମୋଦୀଜିଙ୍କ ଶାସନର ପ୍ରାଣକେନ୍ଦ୍ର ହେଉଛନ୍ତି ମହିଳା। ଗର୍ଭବତୀ ମହିଳାଙ୍କ ପାଇଁ ମାତୃ ବନ୍ଦନା ହେଉ ବା ପିଏମ ପୋଷଣ, ସୁରକ୍ଷିତ ମାତୃତ୍ୱ ଅଭିଯାନ, ସକ୍ଷମ ଅଙ୍ଗନବାଡ଼ି, ମିଶନ ଇନ୍ଦ୍ରଧନୁଷ, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଆଦି ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କର ନାରୀଶକ୍ତି ପାଇଁ ଅଖଣ୍ଡ ନିଷ୍ଠାର ପରିଚାୟକ। ସଂସଦରେ ଚଳିତମାସ ୧୬ ରୁ ୧୮ ଐତିହାସିକ ଆଲୋଚନା ଏବଂ ଏହାର ପୂର୍ବଦିନଗୁଡ଼ିକରେ ଓଡ଼ିଶାର ମାତୃଶକ୍ତି ଏହି ଐତିହାସିକ ଦିନଗୁଡ଼ିକ ଉତ୍ସବ ରୂପରେ ପାଳନ କରିବାକୁ ଉପ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି । ଘରେ ବସି ୯୬୬୭୧୭୩୩୩ ନମ୍ବରରେ ମିସ୍ କଲ ମାଧ୍ୟମରେ ଏହି ଅଧିନିୟମକୁ ସମର୍ଥନ ରାଲି, ଶୋଭାଯାତ୍ରା ଓ ସଭା ମାଧ୍ୟମରେ ନାରୀଶକ୍ତିର ବିଜୟର ଏହି ମହାନ ଦିନଗୁଡ଼ିକୁ ଆହୁରି ସ୍ମରଣୀୟ କରିବାକୁ ଆହ୍ୱାନ ଜଣାଇଛନ୍ତି। ରାଜ୍ୟର ମାତୃଶକ୍ତି ସମାଜିକ ଗଣମାଧ୍ୟମରେ ନିଜ ସମର୍ଥନ ଜାହିର କରି ନିଜେ ମହିଳା ହେବାର ଗର୍ବକୁ ଆହୁରି ସଗର୍ବେ ପରିପ୍ରକାଶ କରିବାକୁ ଆହ୍ୱାନ ଜଣାଇଛନ୍ତି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅନୀତା ଶୁଭଦର୍ଶିନୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା.ଐଶ୍ୱର୍ଯ୍ୟା ବିଶ୍ୱାଳ, କସ୍ତୁରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା: ରାଜ୍ୟପାଳ

ଭୁବନେଶ୍ୱର,(ଜା.ପ୍ର): ମହିଳା ସଶକ୍ତିକରଣ ଏକ ଜାତୀୟ ଆବଶ୍ୟକତା ଏବଂ ସମାବେଶୀ ବିକାଶ ପାଇଁ ଅତ୍ୟାବଶ୍ୟକ। ଯେଉଁ ସମାଜ ମହିଳାଙ୍କୁ ସମ୍ମାନ ଦିଏ ଏବଂ ସେମାନଙ୍କର ବିକାଶ କରେ, ସେହି ସମାଜ ଶକ୍ତି ଓ ମର୍ଯ୍ୟାଦା ସହ ଅଗ୍ରଗତି କରେ ବୋଲି ଓଡ଼ିଶାର ମାନ୍ୟବର ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି କହିଛନ୍ତି ଓ ରବିବାର ଦିନ ଦ ଟାଇମ୍ସ ଅଫ୍ ଇଣ୍ଡିଆ ପକ୍ଷରୁ ଆୟୋଜିତ 'ନାରୀ ଶକ୍ତି – ଓଡ଼ିଆ ଅସ୍ମିତା' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି।



ଏହି କାର୍ଯ୍ୟକ୍ରମକୁ ସମୟୋପଯୋଗୀ ଓ ଅର୍ଥପୂର୍ଣ୍ଣ ବୋଲି ବର୍ଣ୍ଣନା କରିବା ସହିତ ଏହା ଓଡ଼ିଶାର ସାଂସ୍କୃତିକ, ସାମାଜିକ ଓ ଆର୍ଥିକ ପରିଚୟ ଗଠନରେ ମହିଳାମାନଙ୍କ ଅବଦାନକୁ ସମ୍ମାନିତ କରୁଛି ବୋଲି ରାଜ୍ୟପାଳ ନିଜ ଉଦବୋଧନରେ କହିଥିଲେ। ରାଜ୍ୟପାଳ କହିଥିଲେ ଯେ, ମହିଳାମାନେ ପରିବାରର ଭିତ୍ତି, ମୂଲ୍ୟବୋଧର ପ୍ରଥମ ଶିକ୍ଷୟିତ୍ରୀ ଏବଂ ସହାନଭୂତିଶୀଳ ଓ ପ୍ରଗତିଶୀଳ ସମାଜର ନୀରବ ସ୍ଥପତି। ପରିବର୍ତ୍ତିତ ପରିଦୃଶ୍ୟ ଉପରେ ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ ଆଜିର ମହିଳାମାନେ ଶାସନ, ଶିକ୍ଷା, ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଉଦ୍ୟମିତା, କ୍ରୀଡ଼ା, କଳା ଏବଂ ସଶସ୍ତ୍ର ବାହିନୀ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଛନ୍ତି। ଆଧୁନିକ ଭାରତୀୟ ମହିଳା ଆତ୍ମବିଶ୍ୱାସୀ, ସକ୍ଷମ ଏବଂ ନିଜ ଅଧିକାରର ନେତୃତ୍ୱ ନେଉଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ଏହି ରୂପାନ୍ତରଣ ରାଜ୍ୟ ଓ କେନ୍ଦ୍ରସ୍ତରରେ ପ୍ରଗତିଶୀଳ ନୀତି ଏବଂ ଦୂରଦର୍ଶୀ ନେତୃତ୍ୱ ଦ୍ୱାରା ସମ୍ଭବ ହୋଇପାରିଛି ବୋଲି ରାଜ୍ୟପାଳ ଉଲ୍ଲେଖ କରିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନାରୀ ଶକ୍ତିର ଗୁରୁତ୍ୱ ଉପରେ ପ୍ରାଥମିକତା ଦେଉଛନ୍ତି ବୋଲି ଉଲ୍ଲେଖ କରି ରାଜ୍ୟପାଳ କହିଥିଲେ ଯେ, ମହିଳାମାନେ ଆର୍ଥିକ, ସାମାଜିକ ଓ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କଲେ ହିଁ ସମାବେଶୀ ବିକାଶ ସମ୍ଭବ। ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହେବାକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ ଏହା ଶାସନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇ ଗଣତନ୍ତ୍ରକୁ ମଜଭୁତ କରିବ।

ଏତଦ୍ବ୍ୟତୀତ ରାଜ୍ୟପାଳ ଏହା ମଧ୍ୟ କହିଥିଲେ ଯେ ଓଡ଼ିଆ ଅସ୍ମିତା ରାଜ୍ୟର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ ମହିଳାମାନେ ଏହାର ସଂରକ୍ଷଣ ଓ ପ୍ରଚାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ମହିଳା ନେତୃତ୍ୱାଧୀନ ବିକାଶ ଏକ ବିକଶିତ ଓଡ଼ିଶା ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ରାଜ୍ୟପାଳ କହିଛନ୍ତି। ଏପରି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଦ ଟାଇମ୍ସ ଅଫ୍ ଇଣ୍ଡିଆକୁ ପ୍ରଶଂସା କରି ରାଜ୍ୟପାଳ କହିଥିଲେ ଯେ ଏହା ସକରାତ୍ମକ ସାମାଜିକ ପରିବର୍ତ୍ତନକୁ ପ୍ରେରଣା ଯୋଗାଇବ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ସମ୍ମାନିତ ହୋଇଥିବା ମହିଳାଙ୍କୁ ଅଭିନନ୍ଦନ ଜଣାଇବା ସହିତ ସମସ୍ତ କ୍ଷେତ୍ରରେ ମହିଳାଙ୍କ ପାଇଁ ସମାନ ସୁଯୋଗ ନିଶ୍ଚିତ କରିବା ପାଇଁ ସମଷ୍ଟିଗତ ପ୍ରୟାସ ପାଇଁ ମାନ୍ୟବର ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଦ ଟାଇମ୍ସ ଅଫ୍ ଇଣ୍ଡିଆ, ଭୁବନେଶ୍ୱରର ରେସପନ୍ସ ହେଡ୍ ପ୍ରୋଗ୍ୟାବ୍ରତ ବ୍ରହ୍ମ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବ୍ୟୁରୋ ଚିଫ୍ ଅଶୋକ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ

ଭୁବନେଶ୍ୱର,(ଜା.ପ୍ର): ରାଜ୍ୟରେ ଖୁବ୍‌ଶୀଘ୍ର ଗଠନ ହେବ ପାନୀୟ ଜଳ ନିଗମ। ଗ୍ରାମ୍ୟ ପାନୀୟ ଜଳ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ନୀତି ୨୦୨୬ କାର୍ଯ୍ୟକାରୀ କରିବାରେ ଏହି ନିଗମର ବଡ଼ ଭୂମିକା ରହିବ। ନିଗମ ଗଠନ ନେଇ ଖୁବ୍‌ଶୀଘ୍ର ଦୁଇଟି ରାଜ୍ୟକୁ ଓଡ଼ିଶା ଟିମ୍ ଯିବ। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ ସୂଚନା ଦେଇଛନ୍ତି। ମଧ୍ୟପ୍ରଦେଶ ଏବଂ କର୍ଣ୍ଣାଟକକୁ ଓଡ଼ିଶା ଟିମ ଯାଇ ନିଗମର ରୂପରେଖ କେମିତି ହେବ ସେ ବାବଦରେ ଅନୁଧ୍ୟାନ କରିବେ। ଆଇଟି ଏବଂ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ। ୨୦୭ ମେଗା ପ୍ରକଳ୍ପ, ୧୮୭୦୦ ସିଙ୍ଗଲ ଭାଲଭ, ୬୫୫୧ ସୋଲାର ସିଷ୍ଟମ ପ୍ରକଳ୍ପକୁ ପରିଚାଳନା ନିଗମ ନିରୀକ୍ଷଣ କରିବ। ନୂଆ ନୀତିରେ ମେଗା ପ୍ରକଳ୍ପର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ୫ ବର୍ଷ ପାଇଁ ଗୋଟିଏ ଏଜେନ୍ସିକୁ ଦିଆଯିବ। ପାଞ୍ଚ ବର୍ଷ ପରେ ଦାୟିତ୍ୱ ପଞ୍ଚାୟତର ସରପଞ୍ଚଙ୍କୁ ହସ୍ତାନ୍ତର କରାଯିବ। ପାଣି ପହଞ୍ଚିଲାଣି କି ନାହିଁ, କେଉଁଠି ବିଶୋଧନ ହେବ ଏହା ଗାଁ କମିଟି ବ୍ଲକକୁ ଅବଗତ କରିବ। ବ୍ଲକ, ଜିଲ୍ଲା ତଥା ଭିଲେଜ ୱାଟର ସାନିଟେସନ କମିଟିରେ ଥିବା ମ୍ୟାନେଜରଙ୍କୁ ଜଣାଇବାକୁ ମଧ୍ୟ ଦାୟିତ୍ୱ ଦିଆଯିବ।

# ସ୍କୁଲ୍ ଲିଭିଂ ସାର୍ଟିଫିକେଟ ପାଇଁ ମାର୍ଗଦର୍ଶିକା

ଭୁବନେଶ୍ୱର,(ଜା.ପ୍ର): ସ୍କୁଲ ଲିଭିଂ ସାର୍ଟିଫିକେଟ୍ (ଏସ୍ଏଲସି) ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ଯଦି କୌଣସି ଛାତ୍ରଛାତ୍ରୀଙ୍କ ଏସ୍ଏଲ୍ସି ହଜିଥାଏ କିମ୍ବା ନଷ୍ଟ ହୋଇଥାଏ ତେବେ ତାଙ୍କୁ ନକଲ କପି ମିଳିବ। ଏଥିପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ପ୍ରକୃତ ତଥା ଯଥାର୍ଥତା ଦର୍ଶାଇବାକୁ ହେବ। ବିଭାଗ ପକ୍ଷରୁ ଜାରି ହୋଇଥିବା ମାର୍ଗଦର୍ଶିକାରେ କୁହାଯାଇଛି ଯେ ଓରିଜିନାଲ ଏସ୍ଏଲ୍ସି ହଜିଯାଇଥିଲେ କିମ୍ବା ନଷ୍ଟ ହୋଇଥିଲେ ଏହାର ନକଲ କପି ପାଇବା ପାଇଁ ଅନେକ ଛାତ୍ରଛାତ୍ରୀ ହଇରାଣ ହେଉଛନ୍ତି। ଏବେ ସରକାର ଡୁପ୍ଲିକେଟ୍ ସାର୍ଟିଫିକେଟ୍ ପ୍ରଦାନ କରିବା ପାଇଁ ଅନୁମତି ଦେଇଛନ୍ତି। ତେବେ ସ୍କୁଲର ପ୍ରଧାନଶିକ୍ଷକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ନେଇ ଏସ୍ଏଲସିର ନକଲ ଦେଇପାରିବେ। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ଯଥାର୍ଥତା ଦର୍ଶାଇବାକୁ ହେବ। ଯଦି ସାର୍ଟିଫିକେ୍ ନଷ୍ଟ ହୋଇଥିବ ତା'ର ପ୍ରମାଣ ଦେଖାଇବେ। ଯଦି ଚୋରି କିମ୍ବା ହଜିଥିବ ତେବେ ଥାନାରୁ ଏଫ୍ଆଇଆର୍ କପି ଆଣି ପ୍ରଦାନ କରିବେ। ଯଦି ନିଆଁ ଲାଗିଯାଇଥାଏ କିମ୍ବା ବର୍ଷା, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ଦୁର୍ବିପାକ ପାଇଁ ନଷ୍ଟ ହୋଇଥିଲେ ପ୍ରଦାନ କରାଯିବ। କିନ୍ତୁ ଓରିଜିନାଲ ଏସ୍ଏଲସିକୁ କୌଣସି ନାମଲେଖାରେ ବ୍ୟବହାର କରି ଆଉ ଥରେ ଆବେଦନ କଲେ ତାହା ଗ୍ରହଣ କରାଯିବ ନାହିଁ।

ଜାତୀୟ ଚେତନା
JATIYA CHETANA



ଜାତୀୟ ଚେତନା
JATIYA CHETANA

# ପାରମାଣବିକ ସାମର୍ଥ୍ୟ ଓ ଆତ୍ମନିର୍ଭର ଭାରତ

ଆଣବିକ ଶକ୍ତିର ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଉପଯୋଗ ଭାରତର ପାରମାଣବିକ ନୀତି ଓ ଆଦର୍ଶ ହୋଇ ରହିଥିଲେ ହେଁ, ଦୁଇ ପରମାଣୁ ଅସ୍ତ୍ର ସଂପନ୍ନ ଶତ୍ରୁ ରାଷ୍ଟ୍ରଙ୍କୁ ପଡ଼ୋଶୀ ରୂପେ ପାଇବା ଭାରତ ପାଇଁ ଏକ ଦୁର୍ଭାଗ୍ୟଜନକ ବାସ୍ତବତା। ଏଭଳି ସ୍ଥିତିରେ ନିଜର ଆଣବିକ ସାମର୍ଥ୍ୟକୁ ସଶକ୍ତ କରିବା ଭାରତ ସକାଶେ କେବଳ ଏକ ବିକଳ୍ପ ନୁହେଁ, ବରଂ ଏକ ଅନିବାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଛି। ସଂପ୍ରତି ବିଶ୍ୱ ଯେତେବେଳେ ଏକ ପାରମାଣବିକ ନୈରାଜ୍ୟର ଦ୍ୱାରଦେଶରେ ଛିଡ଼ା ହୋଇଛି, ସେତିକିବେଳେ ଭାରତର ଦୁଇଟି ନିରବ ସଫଳତା ପ୍ରତିରକ୍ଷା ଓ ଶକ୍ତି କ୍ଷେତ୍ରରେ ଏକ ନୂତନ ଯୁଗର ସୂତ୍ରପାତ କରିଛି।

ଏହି କ୍ରମରେ ପ୍ରଥମ ସଫଳତା ହେଉଛି— ସଂପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଣବିକ ଶକ୍ତି ପରିଚାଳିତ ତୃତୀୟ ବୁଡ଼ାଜାହାଜ 'ଅରିଦମନ'ର ସମୁଦ୍ର ଅବତରଣ। ଏହା କେବଳ ଏକ ଯୁଦ୍ଧପୋତ ନୁହେଁ, ବରଂ ଭାରତୀୟ ସମର କଳ୍ପବୃକ୍ଷର ଏକ ବିରଳ ପୁଷ୍ପ। ଉଲ୍ଲେଖଯୋଗ୍ୟ ଯେ, ଏହାର ଚାରା ରୋପଣ କରାଯାଇଥିଲା ୧୯୭୪ ମସିହାରେ, ପୋଖରାଣ-୧ ଆଣବିକ ପରୀକ୍ଷଣ ପରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା। ଆଜି 'ଅରିଦମନ' ମହୋଦଧି ଗର୍ଭକୁ ଓହ୍ଲାଇବା ସହିତ ଭାରତର ସାମୁଦ୍ରିକ ସୀମା ସୁରକ୍ଷାକୁ ଅଭେଦ୍ୟ କରିଛି। ଅନ୍ୟପଟେ, ଶକ୍ତି ସଂକଟର ସମାଧାନ ଦିଗରେ ତାମିଲନାଡୁର କଳ୍ପକମ ଆଣବିକ ଶକ୍ତି କେନ୍ଦ୍ରରେ ୫୫୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନକ୍ଷମ ରିଆକ୍ଟରର ସଫଳ କାର୍ଯ୍ୟାରମ୍ଭ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହା ଭାରତର ଆଣବିକ ବୈଜ୍ଞାନିକମାନଙ୍କ ଦୀର୍ଘ ବର୍ଷର ନିରବ ସାଧନାର ପରିଣାମ। ଯେତେବେଳେ ସମଗ୍ର ପୃଥିବୀ ଶକ୍ତି ସଂକଟ ଓ ଜଳବାୟୁ ପରିବର୍ତ୍ତନର ଦାରୁଣ ବିଭୀଷିକା ଦେଇ ଗତି କରୁଛି, ସେତେବେଳେ ଭାରତର ଏହି ସଫଳତା ଶକ୍ତି ସ୍ୱରାଜ ଅଭିମୁଖେ ଏକ ଦୃଢ଼ ପଦକ୍ଷେପ। ପାରମାଣବିକ ଶକ୍ତିର ଆହରଣ ଓ ପ୍ରୟୋଗ ସଂଦର୍ଭରେ ପୂର୍ବର ସମସ୍ତ ଧାରଣା ଏବେ ବଦଳିବାକୁ ବସିଲାଣି। ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ଦାଦାଗିରି ମଧ୍ୟରେ ଭାରତ ନିଜର ପ୍ରତିରକ୍ଷା ଓ ଶକ୍ତି ସାମର୍ଥ୍ୟକୁ ଯେଉଁଭଳି ଭାବେ ସ୍ୱଦେଶୀ ଜ୍ଞାନକୌଶଳରେ ସଜ୍ଜିତ କରୁଛି, ତାହା ବିଶ୍ୱ ପାଇଁ ଏକ ଶକ୍ତ ସଂକେତ। 'ଅରିଦମନ' ଏବଂ କଳ୍ପକମର ଏହି ଯୁଗ୍ମ ସଫଳତା ପ୍ରମାଣ କରୁଛି ଯେ, ଭାରତ କାହାର ଅହିତ ଚାହେଁ ନାହିଁ, ମାତ୍ର ନିଜର ଆତ୍ମରକ୍ଷା ଓ ପ୍ରଗତି ପାଇଁ ସେ ସଂପୂର୍ଣ୍ଣ ସମର୍ଥ।

ପ୍ରଥମେ, ସଂକ୍ଷେପରେ ଆଇ.ଏନ.ଏସ. ଅରିଦମନ ଭଳି 'ଏସ.ଏସ.ଆଇ.ବି.ଏନ୍.' (ସବମର୍ସିବଲ ସିପ ବାଲିଷ୍ଟିକ ମିସାଇଲ ନ୍ୟୁକ୍ଲିଅର) ଶ୍ରେଣୀର ବୁଡ଼ାଜାହାଜ ସମ୍ପର୍କରେ ସାମାନ୍ୟ ସୂଚନା ପ୍ରଦାନ କରାଯାଉ, ଯାହା ନିର୍ମାଣ କରି ଭାରତ ସଂପ୍ରତି ସେହି ଛଅ ଦେଶ ବିଶିଷ୍ଟ ବିରଳ କ୍ଲବର ସଦସ୍ୟ, ଯହିଁରେ ଅନ୍ୟ ପାଞ୍ଚ ଦେଶ ହେଉଛନ୍ତି ଆମେରିକା, ରୁଷିଆ, ଫ୍ରାନ୍ସ, ବ୍ରିଟେନ ଓ ଚୀନ। ପ୍ରକାଶ ଥାଉ କି ୨୦୦୯ ଓ ୨୦୧୬ ମସିହାରୁ ଏହି ଶ୍ରେଣୀର ଦୁଇଟି ବୁଡ଼ାଜାହାଜ ଯଥାକ୍ରମେ ଆଇ.ଏନ.ଏସ. ଅରିହନ୍ତ ଏବଂ ଆଇ.ଏନ.ଏସ. ଅରିଘାତ ସମୁଦ୍ର ତଳେ ସନ୍ତର୍ପଣରେ କାର୍ଯ୍ୟରତ ଅଛନ୍ତି ଏବଂ ଏହି ତିନିଟି ବୁଡ଼ାଜାହାଜର ବିକାଶରେ 'ଭାରତୀୟତା'ର ଅଂଶ କ୍ରମାନ୍ୱୟେ ବୃଦ୍ଧି ପାଇବାରେ ଲାଗିଛି, ଯାହା ଅରିଦମନ କ୍ଷେତ୍ରରେ ବସ୍ତୁତଃ ୯୦ ପ୍ରତିଶତରୁ ଅଧିକ। ଏହି ବୁଡ଼ାଜାହାଜଗୁଡ଼ିକର ବିଶେଷତ୍ୱ ହେଲା, ତହିଁରେ ଥିବା କ୍ଷୁଦ୍ର ଆଣବିକ ରିଆକ୍ଟରରୁ ଚିରସ୍ରୋତା ଶକ୍ତି ଲାଭ କରି ଏଗୁଡ଼ିକ ଅନନ୍ତ କାଳ ଯାଏ କାର୍ଯ୍ୟ କରି ଚାଲିବେ; ଅର୍ଥାତ୍ ପାରମ୍ପରିକ ବିଜୁଳି ଚାଳିତ ବୁଡ଼ାଜାହାଜଗୁଡ଼ିକ ଭଳି ଇନ୍ଧନ ସକାଶେ ବାରମ୍ବାର ସାଗରର ପୃଷ୍ଠଭାଗକୁ ଉଠିବାକୁ ବାଧ୍ୟ ହେବେ ନାହିଁ। ସୁତରାଂ, ଶତ୍ରୁ ପକ୍ଷର ଅତି ବିଚକ୍ଷଣ 'ସେନସର' ଓ 'ରାଡାର'ର ଦୃଷ୍ଟିକୁ ଏଡ଼ାଇ ଏହି ମଗ୍ନ ପୋତଗୁଡ଼ିକ ଅନାୟାସରେ ବିଚରଣ କରି ସର୍ବତ୍ର ବିପଦର ଆଶଙ୍କା ସୃଷ୍ଟି କରିପାରିବେ। ଏଠାରେ ସ୍ମରଣଯୋଗ୍ୟ ଯେ ୧୯୭୧ ମସିହାର ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ପାକିସ୍ତାନକୁ ସାହାଯ୍ୟ କରିବାକୁ ଅଗ୍ରସର ହେଉଥିବା ଅତ୍ୟନ୍ତ ଶକ୍ତିଶାଳୀ ଓ ବିଶାଳ ଆମେରିକୀୟ 'ସପ୍ତମ ନୌ-ଭେଳା'କୁ ଆଚମ୍ବିତ କରି, ତା' ସମ୍ମୁଖରେ ସୋଭିଏତ ରୁଷିଆର ଗୋଟିଏ ଆଣବିକ ଶକ୍ତି ଚାଳିତ ବୁଡ଼ାଜାହାଜ ସମୁଦ୍ର ଗର୍ଭରୁ ସହସା ଶିରୋତ୍ତୋଳନ କରି ଦେବାରୁ ବିପଦ ଆଶଙ୍କାରେ ଆମେରିକୀୟ ପୋତ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରକାଶ ଥାଉ କି ଭାରତକୁ ସହାୟତା ଦେବା ଲାଗି ସେହି ବୁଡ଼ାଜାହାଜଟି ଜଳମଗ୍ନ ଘାତକ ରୂପେ ଏତେ ବାଟ ସନ୍ତର୍ପଣରେ ଚାଲି ଆସିପାରିଥିଲା। ଏହି ଶ୍ରେଣୀର ବୁଡ଼ାଜାହାଜର ପ୍ରକୃତ ଶକ୍ତି ନିହିତ ଥାଏ ସେଗୁଡ଼ିକର ମାରକ କ୍ଷମତାରେ, ଯାହା ପ୍ରାପ୍ତ ହୋଇଥାଏ ତହିଁରେ ସ୍ଥାନିତ ଆଣବିକ କ୍ଷେପଣାସ୍ତ୍ରଗୁଡ଼ିକରୁ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବବର୍ତ୍ତୀ 'ଅରିହନ୍ତ' ଓ 'ଅରିଘାତ'ରେ ଚାରିଟି ଲେଖାଏଁ ଆଣବିକ କ୍ଷେପଣାସ୍ତ୍ର ରହିଛି, ଯାହାର ଲକ୍ଷ୍ୟ ଭେଦ କରିବାର ସୀମା ପ୍ରାୟ ୭୫୦ କିଲୋମିଟର ଏବଂ ସେଗୁଡ଼ିକର ଓଜନ (ଜଳ ଅପସାରଣ ପରିମାଣ) ୬୦୦୦ ମେଟ୍ରିକ ଟନ୍। ସେହି ଦୃଷ୍ଟିରୁ 'ଅରିଦମନ' ଅଧିକ ବୃହଦାକାର ଓ ଶକ୍ତିଶାଳୀ। ଏହା ୭୦୦୦ ମେଟ୍ରିକ ଟନ୍ ବିଶିଷ୍ଟ ଏବଂ ଏଥିରେ ପ୍ରାୟ ୩,୫୦୦ କିଲୋମିଟର ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟ ଭେଦ କରିପାରୁଥିବା ଆଠଟି କ୍ଷେପଣାସ୍ତ୍ର ବିଦ୍ୟମାନ। ଏହା ୮୫ କିଲୋୱାଟ ଶକ୍ତି ଉତ୍ପାଦନକାରୀ ଆଣବିକ ରିଆକ୍ଟର ଦ୍ୱାରା ପରିଚାଳିତ। ଉଲ୍ଲେଖଯୋଗ୍ୟ ଯେ, ଅରିଦମନ ପରେ ଏହି ଶ୍ରେଣୀର ଆହୁରି ଦୁଇଟି ବୁଡ଼ାଜାହାଜ ନିର୍ମାଣ ପଥରେ ରହିଛି, ଯହିଁରୁ ୧୩୦୦୦ ମେଟ୍ରିକ ଟନ୍ ବିଶିଷ୍ଟ ପରବର୍ତ୍ତୀ ବୁଡ଼ାଜାହାଜଟି ୨୦୩୦ ମସିହା ସୁଦ୍ଧା ଭାରତୀୟ ନୌସେନା ସକାଶେ ଉପଲବ୍ଧ ହେବ ବୋଲି ଆକଳନ କରାଯାଇଛି। ସମୁଦାୟ ପାଞ୍ଚଟି ବୁଡ଼ାଜାହାଜର ପରିକଳ୍ପନା ପଛରେ ଏହି ଉଦ୍ଦେଶ୍ୟ ରହିଛି ଯେ, ଏହାଦ୍ୱାରା ଯେ କୌଣସି ସମୟରେ ଅନ୍ତତଃ ତିନିଟି ବୁଡ଼ାଜାହାଜ ଭାରତ ମହାସାଗରରେ ନିରନ୍ତର ପଇଁତରା ମାରି ଦେଶର ସୁରକ୍ଷାକୁ ଅଭେଦ୍ୟ କରିପାରିବେ।

# ବିକାଶ ହିଁ ଶ୍ରେଷ୍ଠ ଜବାବ

**ଦେବେନ୍ଦ୍ରନାଥ ବଲବନ୍ତରାୟ**

ଭାରତ ଓ ପାକିସ୍ତାନକୁ ଏକାପରି ମାପଦଣ୍ଡରେ ତୁଳନା କରିବାର ସମୟ ଏବେ ଅତୀତ। ସ୍ୱାଧୀନତା ପରଠାରୁ ଦୀର୍ଘ ଦଶନ୍ଧି ଧରି ବିଶ୍ୱ ଦରବାରରେ ଏହି ଦୁଇ ପ୍ରତିବେଶୀ ରାଷ୍ଟ୍ରଙ୍କୁ ସମାନ ବନ୍ଧନୀରେ ରଖାଯାଉଥିଲା, କିନ୍ତୁ ଆଜିର ବାସ୍ତବତା ସଂପୂର୍ଣ୍ଣ ଭିନ୍ନ। ଅର୍ଥନୀତି, ବୈଷୟିକ ଜ୍ଞାନକୌଶଳ ଏବଂ ଗଣତାନ୍ତ୍ରିକ ସ୍ଥିରତା କ୍ଷେତ୍ରରେ ଭାରତ ଏତେ ଆଗକୁ ବଢ଼ିଯାଇଛି ଯେ ପାକିସ୍ତାନ ସହିତ ଏହାର ତୁଳନା କରିବା ଏବେ ଅପ୍ରାସଙ୍ଗିକ ମନେହୁଏ। ବାସ୍ତବରେ, ପାକିସ୍ତାନ ଭାରତ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାର ସମସ୍ତ ସାମର୍ଥ୍ୟ ହରାଇ ସାରିଛି।

ଏଭଳି ସ୍ଥିତିରେ ପାକିସ୍ତାନର କୌଣସି ମଧ୍ୟସ୍ଥତାକୁ ନେଇ ଭାରତରେ ସୃଷ୍ଟି ହେଉଥିବା ତୀବ୍ର ପ୍ରତିକ୍ରିୟା ବା ଆଲୋଡ଼ନର ବିଶେଷ ଯଥାର୍ଥତା ନାହିଁ। ଯେଉଁ ରାଷ୍ଟ୍ର ନିଜର ଆଭ୍ୟନ୍ତରୀଣ ସଂକଟ ଓ ଦୁର୍ବଳ ଅର୍ଥନୀତି ସହ ସଂଘର୍ଷ କରୁଛି, ତାର ପ୍ରାସଙ୍ଗିକତାକୁ ଅଧିକ ଗୁରୁତ୍ୱ ଦେବା ଅନାବଶ୍ୟକ। ଯୁଦ୍ଧ ଓ ଶାନ୍ତିର ଏହି ଜଟିଳ ଖେଳ ମଧ୍ୟରେ ଭାରତ ନିଜକୁ କେବଳ ପ୍ରତିକ୍ରିୟାଶୀଳ କରି ରଖିବା ଉଚିତ ନୁହେଁ। ବର୍ତ୍ତମାନ ସମୟରେ ଭାରତ ପାଇଁ ସବୁଠାରୁ ବଡ଼ ଲକ୍ଷ୍ୟ ହେବା ଉଚିତ- 'ନିରବ ବିକାଶ'। ସୀମାପାର ଉତ୍ତେଜନା ବା ପ୍ରତିବେଶୀର ଅହେତୁକ ଆସ୍ଫାଳନରେ ବିଚଳିତ ନହୋଇ ଭାରତ ନିଜର ଅର୍ଥନୈତିକ ଏବଂ ସାମାଜିକ ପ୍ରଗତି ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଆବଶ୍ୟକ। ଏକ ଶକ୍ତିଶାଳୀ ଓ ସମୃଦ୍ଧ ଭାରତ ହିଁ ଶତ୍ରୁ ପାଇଁ ସବୁଠାରୁ ବଡ଼ ପ୍ରତିବନ୍ଧକ। ଯେତେବେଳେ ଗୋଟିଏ ରାଷ୍ଟ୍ର ନିରନ୍ତର ବିକାଶ ପଥରେ ବ୍ରତୀ ରହେ, ସେତେବେଳେ ତାର ପାରିପାର୍ଶ୍ୱିକ କୋଳାହଳ ଆପେ ଆପେ ନିଷ୍ପ୍ରଭ ହୋଇଯାଏ। ତେଣୁ ବାଦ-ବିବାଦରୁ ଊର୍ଦ୍ଧ୍ୱରେ ରହି ଦେଶର ବିକାଶଧାରାକୁ ଅବ୍ୟାହତ ରଖିବା ହିଁ ଶ୍ରେଷ୍ଠ ଜାତୀୟ ନୀତି ହେବା ଉଚିତ। ଆଜି ଇସଲାମାବାଦ୍‌ଠାରେ ପାକିସ୍ତାନର ମଧ୍ୟସ୍ଥତାରେ ଆରମ୍ଭ ହେବାକୁ ଯାଉଥିବା ଆମେରିକା-ଇରାନ ଆଲୋଚନା ଉପରେ ସମଗ୍ର ପୃଥିବୀର ଦୃଷ୍ଟି ନିବଦ୍ଧ ଥିବା ବେଳେ ଅସଂଖ୍ୟ ଭାରତୀୟ ଏହା ଦ୍ୱାରା ମୁହ୍ୟମାନ ହୋଇଛନ୍ତି। ଅବଶ୍ୟ, ସେମାନେ ଯୁଦ୍ଧର ତୁରନ୍ତ ଅବସାନ ଚାହାନ୍ତି; କିନ୍ତୁ ଅବସୋସର କାରଣ ହେଲା, ରାଜନୈତିକ ବ୍ୟର୍ଥତା, ତୀବ୍ର ବିତ୍ତୀୟ ସଂକଟ ଦେଇ ଗତି କରୁଥିବା ପାକିସ୍ତାନ ଭଳି ଆତଙ୍କବାଦ ପ୍ରୋତ୍ସାହନକାରୀ ଏବଂ ପଡ଼ୋଶୀ ଦେଶ (ଆଫଗାନିସ୍ତାନ) ସହିତ ଯୁଦ୍ଧରେ ବ୍ୟାପୃତ ଗୌଣ ରାଷ୍ଟ୍ରଟି ଏଭଳି ଏକ ଆଲୋଚନା ଲାଗି ଭୂମି ପ୍ରସ୍ତୁତ କରି ପୃଥିବୀର ତ୍ରାଣକର୍ତ୍ତା ରୂପେ ଆବିର୍ଭୂତ ହେବା। ପାକିସ୍ତାନ ସହିତ ଭାରତର ତିକ୍ତ ସଂପର୍କ ଦୃଷ୍ଟିରୁ ଏହା ଈର୍ଷାର କାରଣ ମଧ୍ୟ ହୋଇଥିବ, ଯେଉଁଥି ଲାଗି ସେମାନଙ୍କ ମଧ୍ୟରୁ କତିପୟ ଏହାକୁ ଭାରତର ବୈଦେଶିକ ନୀତିର ବିଫଳତା ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ଆମ ରାଷ୍ଟ୍ର ହରାଇ ବସୁଥିବା ପ୍ରଭାବର ସୂଚନା ବୋଲି ଦର୍ଶାନ୍ତି। ସମ୍ଭବତଃ, ଏହି କାରଣରୁ ପ୍ରାୟ ସପ୍ତାହକ ପୂର୍ବେ, ଏଭଳି ଏକ ସମ୍ଭାବନାକୁ ନେଇ ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ 'ଦଲାଲ' ବୋଲି ଅଭିହିତ କରିଥିଲେ।

ଆଜି ଇସଲାମାବାଦ ଠାରେ ପାକିସ୍ତାନର ମଧ୍ୟସ୍ଥତାରେ ଆରମ୍ଭ ହେବାକୁ ଯାଉଥିବା ଆମେରିକା-ଇରାନ ଆଲୋଚନା ଉପରେ ସମଗ୍ର ପୃଥିବୀର ଦୃଷ୍ଟି ନିବଦ୍ଧ ଥିବା ବେଳେ ଅସଂଖ୍ୟ ଭାରତୀୟ ଏହା ଦ୍ୱାରା ମୁହ୍ୟମାନ ହୋଇଛନ୍ତି। ଅବଶ୍ୟ, ସେମାନେ ଯୁଦ୍ଧର ତୁରନ୍ତ ଅବସାନ ଚାହାନ୍ତି; କିନ୍ତୁ ଅବସୋସର କାରଣ ହେଲା, ରାଜନୈତିକ ବ୍ୟର୍ଥତା ଓ ତୀବ୍ର ବିତ୍ତୀୟ ସଂକଟ ଦେଇ ଗତି କରୁଥିବା ପାକିସ୍ତାନ ଭଳି ଏକ ରାଷ୍ଟ୍ର ଏଭଳି ଏକ ଆଲୋଚନା ଲାଗି ଭୂମି ପ୍ରସ୍ତୁତ କରି ପୃଥିବୀର ତ୍ରାଣକର୍ତ୍ତା ରୂପେ ଆବିର୍ଭୂତ ହେବା। ପାକିସ୍ତାନ ସହିତ ଭାରତର ତିକ୍ତ ସଂପର୍କ ଦୃଷ୍ଟିରୁ ଏହା କେତେକାଂଶରେ ଈର୍ଷାର କାରଣ ହୋଇଥିବ, ଯେଉଁଥିଲାଗି କେହି କେହି ଏହାକୁ ଭାରତର ବୈଦେଶିକ ନୀତିର ବିଫଳତା ବୋଲି ଦର୍ଶାଉଛନ୍ତି। ସମ୍ଭବତଃ, ଏହି କାରଣରୁ ପ୍ରାୟ ସପ୍ତାହକ ପୂର୍ବେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ. ଜୟଶଙ୍କର ପାକିସ୍ତାନକୁ 'ଦଲାଲ' ବୋଲି ଅଭିହିତ କରିଥିଲେ।

ଉଲ୍ଲେଖଯୋଗ୍ୟ ଯେ, 'ଫାଇନାନସିଆଲ ଟାଇମ୍ସ'ରେ ପ୍ରକାଶିତ ଏକ ସମ୍ବାଦ ପାକିସ୍ତାନର ଏହି ମଧ୍ୟସ୍ଥତା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲା। ଏଥିରେ ଉତ୍‌ଫୁଲ୍ଲିତ ପାକିସ୍ତାନ ପ୍ରଧାନମନ୍ତ୍ରୀ ସହୱାଜ ସରିଫ ନିଜ 'ଏକ୍ସ' ବାର୍ତ୍ତାରେ ଗଭୀର ସନ୍ତୋଷ ବ୍ୟକ୍ତ କରିଥିଲେ। କିନ୍ତୁ ରଣନୈତିକ ବ୍ୟାଖ୍ୟାକାରଙ୍କ ମତରେ, ଏହି ଆଲୋଚନା ଲାଗି ବ୍ୟାକୁଳ ହେବା ପାକିସ୍ତାନ ପାଇଁ ଏକ ବାଧ୍ୟବାଧକତା ଥିଲା। ଇରାନ ସହିତ ପାକିସ୍ତାନର ୯୦୦ କିଲୋମିଟର ସୀମା ସଂଯୁକ୍ତ ହୋଇଥିବାରୁ ଯୁଦ୍ଧ କ୍ଷେତ୍ରରେ ନିଜ ଭୂମି ବ୍ୟବହାର ପାଇଁ ଆମେରିକାର ଚାପକୁ ପାକିସ୍ତାନ ଡରୁଛି। କେବଳ ସେତିକି ନୁହେଁ, ଇରାନରୁ ଚୋରା ଚାଲାଣ ହେଉଥିବା ଶସ୍ତା ଖଣିଜ ତୈଳ ଉପରେ ପାକିସ୍ତାନର ଅର୍ଥନୀତି ବହୁମାତ୍ରାରେ ନିର୍ଭରଶୀଳ। ଯୁଦ୍ଧ ହେତୁ ଏହି ଯୋଗାଣ ବାଧାପ୍ରାପ୍ତ ହୋଇ ତୈଳ ଦର ଆକାଶଛୁଆଁ ହେବା ସହ ଜନଅସନ୍ତୋଷକୁ ବଢ଼ାଇ ଦେଇଛି। ଅନ୍ୟପଟେ, ଆରବ ରାଷ୍ଟ୍ରଗୁଡ଼ିକ ଉପରେ ଇରାନୀ ଆକ୍ରମଣ ପାକିସ୍ତାନକୁ ଆହୁରି ଅସ୍ୱସ୍ତିରେ ପକାଇଛି। ଏକମାତ୍ର ପରମାଣୁ ଅସ୍ତ୍ରଧାରୀ ଇସଲାମୀୟ ରାଷ୍ଟ୍ର ଭାବେ ପାକିସ୍ତାନ ଆରବ ଦେଶଗୁଡ଼ିକର ସୁରକ୍ଷା ପାଇଁ ଚୁକ୍ତିବଦ୍ଧ ହୋଇଥିଲେ ହେଁ, ମିତ୍ର ରାଷ୍ଟ୍ର ଇରାନ ବିରୋଧରେ ସହାୟତା କରିବାକୁ ସେ ଅକ୍ଷମ। ତେଣୁ, ଏହି ସମସ୍ତ ଭୌଗୋଳିକ, ଅର୍ଥନୈତିକ ଏବଂ ରଣନୈତିକ ଚାପରୁ ରକ୍ଷା ପାଇବା ପାଇଁ ଯୁଦ୍ଧରେ ବିରାମ ଘଟାଇବାକୁ ପାକିସ୍ତାନର ଆଗ୍ରହ ଏକ ସ୍ୱାର୍ଥପର ଉଦ୍ୟମ ବୋଲି ହୃଦୟଙ୍ଗମ କରିହୁଏ। ସୁତରାଂ, ଏହାକୁ ଭାରତର କୌଣସି କ୍ଷତି ବା ବୈଦେଶିକ ବିଫଳତା ଭାବେ ଦେଖିବା ଅହେତୁକ।

ଏଣେ, ଉଭୟ ଆମେରିକା ଓ ଇରାନ ସେମାନଙ୍କ ରଣାତୁର ଅଙ୍ଗଭଙ୍ଗୀ ଓ ବାହାସ୍ଫୋଟ ସତ୍ତ୍ୱେ ଏକ ଯୁଦ୍ଧ ବିରତି ଓ ଆପୋସ ଆଲୋଚନା ସକାଶେ ଅତ୍ୟନ୍ତ ବିକଳ ଥିଲେ, ତହିଁରେ ଦ୍ୱିରୁକ୍ତି ନାହିଁ। ଏଣୁ ପାକିସ୍ତାନର ମଧ୍ୟସ୍ଥତାକୁ ସ୍ୱୀକାର କରିବାରେ ବିଶେଷ ଅସୁବିଧା ନ ଥିଲା। ଡୋନାଲ୍‌ଡ ଟ୍ରମ୍ପଙ୍କ ଅହମିକାକୁ ସ୍ଫୀତ କରିବାରେ ଲିପ୍ତ ପାକିସ୍ତାନ ବ୍ୟତୀତ ଆଉ କେଉଁ ରାଷ୍ଟ୍ରକୁ ମଧ୍ୟସ୍ଥି ରୂପେ ଦେଖିବାକୁ ଅବା ଆମେରିକା ଚାହାନ୍ତା? ସୁତରାଂ, ସ୍ଥାନ, କାଳ ଓ ପାତ୍ରର ସଂଯୋଗ କ୍ରମେ ଆଲୋଚନାଟି ସମ୍ଭବ ହୋଇଛି; ଯାହା ସଫଳ ହେଉ ବୋଲି ପୃଥିବୀର ସମସ୍ତ ରାଷ୍ଟ୍ର ଆନ୍ତରିକ ଭାବେ କାମନା କରନ୍ତି। କିନ୍ତୁ ଏହାର ଭଙ୍ଗୁରଶୀଳତା ନେଇ ମଧ୍ୟ ଆଶଙ୍କା ଅଧିକ। କାରଣ, ଏହି ଯୁଦ୍ଧର ଉଦ୍‌ଗାତା ଇସ୍ରାଏଲ ଆଲୋଚନା ଟେବୁଲରେ ଉପସ୍ଥିତ ନାହିଁ; ଓଲଟି ତାହା ଲେବାନନ ଉପରେ ଭୟାବହ ବୋମା ବର୍ଷଣ କରିବାରେ ବ୍ୟାପୃତ। ଏଥିରୁ ଇସ୍ରାଏଲର ମନୋଭାବ ସୁସ୍ପଷ୍ଟ, ଯାହା ଯୁଦ୍ଧରେ ବିରାମ ଚାହିଁ ନ ଥାଏ। ଅନେକ ସମର ବିଶ୍ଲେଷକ କହନ୍ତି ଯେ ଟ୍ରମ୍ପଙ୍କୁ ସଂପୂର୍ଣ୍ଣ ବଶୀଭୂତ କରି ପାରିଥିବା ଇସ୍ରାଏଲୀ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ରୋକା ନ ଗଲେ ସ୍ଥାୟୀ ଶାନ୍ତି ଫେରିବାର ଆଶା ଅତ୍ୟନ୍ତ କ୍ଷୀଣ। କେବଳ ସେତିକି ନୁହେଁ, ଇରାନ ପକ୍ଷରୁ କରାଯାଇଥିବା ଦଶଟି ଯାକ ଦାବି ଆମେରିକା ସକାଶେ ସ୍ୱୀକୃତ ହେବା କଷ୍ଟକର। ସେହି ଦୃଷ୍ଟିରୁ ଏହି ଉଦ୍ୟମ ଏକ ସୂକ୍ଷ୍ମ ସୂତା ଖିଅରେ ଝୁଲୁଥିବା ଭଳି ଲାଗିଥାଏ।

ଭାରତର ଦୃଷ୍ଟିକୋଣରୁ ଦେଖିଲେ ଏହି ଯୁଦ୍ଧ ସୁନିର୍ଦ୍ଦିଷ୍ଟ ଭାବେ ଏକ ଭିନ୍ନ ଗୋଷ୍ଠୀର ବ୍ୟାପାର, ଯାହାର ପ୍ରଭାବ ଭାରତ ଉପରେ ପଡ଼ିଛି ସତ, କିନ୍ତୁ ଭାରତର କୌଣସି ପ୍ରତ୍ୟକ୍ଷ କ୍ଷତି କରିନାହିଁ। ଏଣୁ ଏହି ବ୍ୟାପାରରେ ଅନାବଶ୍ୟକ ଓ ଅଯାଚିତ ଭାବେ ମୁଣ୍ଡ ପୂରାଇବାର ଅର୍ଥ ହୁଅନ୍ତା କାଦୁଅକୁ ଗୋଡ଼ ବଢ଼ାଇବା ସହିତ ସମାନ! ତେବେ, ଯୁଦ୍ଧ ହେତୁ ସୃଷ୍ଟ ରକ୍ତପାତ, ବିସ୍ଥାପନ, ତୀବ୍ର ଶକ୍ତି ସଂକଟ ଇତ୍ୟାଦି ପରିପ୍ରେକ୍ଷୀରେ ଏହାର ଅବସାନ ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହିଁ କାମ୍ୟ, ତେଣିକି ତାହା ଯେଉଁ ସୂତ୍ରରୁ ଆସୁ ନା କାହିଁକି! ଆଣବିକ ଓ ମହାକାଶ ଗବେଷଣା ଉତ୍କର୍ଷ ଦୃଷ୍ଟିରୁ ପୃଥିବୀର ବିରଳ ପଞ୍ଚରାଷ୍ଟ୍ରୀୟ କ୍ଲବ (ଆମେରିକା, ରୁଷିଆ, ଫ୍ରାନ୍ସ, ବ୍ରିଟେନ ଓ ଚୀନ) ଭିତରକୁ ଭାରତ ପ୍ରବେଶ କରି ସାରିଥିବା ବେଳେ ପାକିସ୍ତାନ ଦୂର ଦିଗ୍‌ବଳୟରେ ସୁଦ୍ଧା ଦୃଶ୍ୟମାନ ହୋଇ ନ ଥାଏ। କହିବାର ତାତ୍ପର୍ଯ୍ୟ ହେଲା, ପ୍ରାୟ ସମସ୍ତ କ୍ଷେତ୍ରରେ ଭାରତ ସହିତ ତୁଳନୀୟ ହେବାର ସାମର୍ଥ୍ୟ ପାକିସ୍ତାନ ହରାଇ ସାରିଛି। ସ୍ୱାଧୀନତା ପର ଠାରୁ ଅନେକ କାଳ ପର୍ଯ୍ୟନ୍ତ ବିଭିନ୍ନ ଅଭିବ୍ୟକ୍ତି ବା ବ୍ୟାଖ୍ୟାନ ବା ତର୍କରେ ଭାରତ ସହିତ ଗୋଟିଏ ବନ୍ଧନୀରେ ପରିଦୃଷ୍ଟ ହେଉଥିବା ପାକିସ୍ତାନ ସଂପ୍ରତି ତହିଁରୁ ବିସ୍ଥାପିତ ହୋଇସାରିଲାଣି। ଏଭଳି ସ୍ଥଳେ ପାକିସ୍ତାନର ମଧ୍ୟସ୍ଥତାକୁ ଏକ ଶ୍ରେୟ ବୋଲି ଧରି ନେଇ ଭାରତରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ଅହେତୁକ ଭଳି ମନେ ହୁଏ। ବରଂ, ଯୁଦ୍ଧ ଓ ଶାନ୍ତିର ଏହି ଲୁଚକାଳି ଖେଳ ମଧ୍ୟରେ ଯାହା ଭାରତ ଭଳି ରାଷ୍ଟ୍ରର ଧ୍ୟେୟ ହେବା ଉଚିତ, ତାହା ହେଲା, ନିରବରେ ନିରନ୍ତର ବିକାଶ ପଥରେ ବ୍ରତୀ ରହିବା। ଇସଲାମାବାଦ ଠାରେ ପାକିସ୍ତାନର ମଧ୍ୟସ୍ଥତାରେ ଆରମ୍ଭ ହେବାକୁ ଯାଉଥିବା ଆମେରିକା-ଇରାନ ଆଲୋଚନାକୁ ନେଇ ଅନେକ ଭାରତୀୟ ମୁହ୍ୟମାନ। କିନ୍ତୁ ରଣନୈତିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ମଧ୍ୟସ୍ଥତା ପଛରେ ପାକିସ୍ତାନର ନିଜସ୍ୱ ବାଧ୍ୟବାଧକତା ଅଧିକ। ଇରାନ ସହ ସୀମା ବିବାଦ, ତୈଳ ସଂକଟ ଏବଂ ଆରବ ରାଷ୍ଟ୍ରଗୁଡ଼ିକ ପ୍ରତି ଥିବା ପ୍ରତିଶ୍ରୁତିବଦ୍ଧତା ମଧ୍ୟରେ ଛନ୍ଦି ହୋଇ ପାକିସ୍ତାନ ନିଜ ଅସ୍ତିତ୍ୱ ରକ୍ଷା ପାଇଁ ଏହି ଉଦ୍ୟମ କରୁଛି।

ଜାତୀୟ ଚେତନା
JATIYA CHETANA



# ଅଣ୍ଡରପାସ୍ ଓ ସେତୁ ଉଦ୍‌ଘାଟନ ସହ ଶିକ୍ଷା କ୍ଷେତ୍ର ପାଇଁ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା



ଭୁବନେଶ୍ୱର,(ଜା.ପ୍ର): କେନ୍ଦୁଝର ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦଘାଟନ କରିବା ସହ ରାଜ୍ୟର ବିକାଶ ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ଏନଏଚ୍-୨୦ର ପାଣିକୋଇଲି-ରିମୁଳି ସେକ୍ସନରେ ଲଙ୍ଗଳାକାଟାଠାରେ ଏକ ନୂତନ ଅଣ୍ଡରପାସ୍‌ର ଉଦ୍‌ଘାଟନ କରିଛନ୍ତି। ଏହି ଅଣ୍ଡରପାସ୍ ଶିଳ୍ପ, ଖଣି ଓ ବାଣିଜ୍ୟିକ କ୍ଷେତ୍ରକୁ ସଂଯୋଗ କରୁଥିବା ଏକ ପ୍ରମୁଖ ପଥ ହେବା ସହ ସ୍ଥାନୀୟ ଟିକିରା, ଡେଙ୍ଗୁଆକୋଟ ଓ ବାରବେଡ଼ା ଭଳି ଅଞ୍ଚଳରେ ଟ୍ରାଫିକ୍ ସମସ୍ୟା ଦୂର କରିବ। ଏହା ଏକ 'ଗ୍ରେଡ୍ ସେପାରେଟର' ଭାବେ କାର୍ଯ୍ୟ କରିବା ସହ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ସୁବିଧା ମଧ୍ୟ ଯୋଗାଇଦେବ। ଏହି ଗସ୍ତ କ୍ରମରେ ମୁଖ୍ୟମନ୍ତ୍ରୀ ବୋଦାପାଳସା ସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତାବ୍ଦୀ ଭବନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନର ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ ଆଗାମୀ ଦିନରେ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ଏବଂ ପୂର୍ବରୁ ପ୍ରାୟ ୨୦ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ସେ ୩ କୋଟି ଟଙ୍କାର ଅନୁଦାନ ସହ ୭ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷରେ ଶିକ୍ଷା ବଜେଟ୍ ପାଇଁ ୩୧,୯୯୭ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ। ଏଥିସହ ପ୍ରତି ପଞ୍ଚାୟତରେ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଓ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଉଛି। ଅନ୍ୟପକ୍ଷରେ, କେନ୍ଦୁଝର ସଦର ଅଞ୍ଚଳର ବହୁ ପ୍ରତିକ୍ଷିତ ଅରେଡେଇ ନାଳ ଉପରେ ନିର୍ମିତ ପକ୍କା ସେତୁକୁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଉତ୍ସର୍ଗ କରିଛନ୍ତି। ଏହି ୧୦୦ ମିଟରରୁ ଅଧିକ ଲମ୍ବର ସେତୁ ବୋଦାପାଳସା ସମେତ ୫ଟି ପଞ୍ଚାୟତର ପ୍ରାୟ ୫୦୦୦ରୁ ଅଧିକ ଲୋକଙ୍କ ଯାତାୟାତ ସମସ୍ୟାର ସମାଧାନ କରିବ। ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ନାୟକ, ତେଲକୋଇ ବିଧାୟକ ଫକୀର ମୋହନ ନାୟକ ଏବଂ ଜିଲ୍ଲାପାଳ ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ: ରନ୍ଧନ ଗ୍ୟାସ ଯୋଗାଣକୁ ଗୁରୁତ୍ୱ

ଭୁବନେଶ୍ୱର,(ଜା.ପ୍ର): ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପର ବୈଠକ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତହୋଇଯାଇଛି। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି। ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ସମାଧାନ ପାଇଁ ସମସ୍ତେ ସହଯୋଗ ଓ ସମ୍ମିଳିତ ପ୍ରୟାସ କରିବାକୁ ସେଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି ।ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଲେଜ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖି ୟୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ।

ବୈଠକରେ ଖାଦ୍ୟ ଯୋଗାଣ ବିଭାଗ ପ୍ରମୁଖ ଶାସନ ସଚିବ ଏଲପିଜି ବଣ୍ଟନ ବ୍ୟବସ୍ଥା, ଯୋଗାଣ ପରିଚାଳନ ଓ ସମସ୍ତଙ୍କୁ ଆବଶ୍ୟକ ମୁତାବକ ସନ୍ତୁଳିତ ଆବଣ୍ଟନ ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ବାହ୍ୟ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ରାଜ୍ୟରେ ଇନ୍ଧନ ଓ ରନ୍ଧନ ଗ୍ୟାସ ଯୋଗାଣ ସାମଗ୍ରିକଭାବରେ ସ୍ୱାଭାବିକ ରହିଛି। ଭାରତ ସରକାରଙ୍କ ନିର୍ଦ୍ଦେଶାନୁସାରେ ଉପଲବ୍ଧ ହେଉଥିବା ଅଶୋଧିତ ତୈଳରୁ ତୈଳ ବିଶୋଧନ କମ୍ପାନୀମାନେ ସର୍ବାଧିକ କ୍ଷମତାରେ ବିଶୋଧିତ ପେଟ୍ରୋଲ ଓ ଡିଜେଲ ଆଦି ଉତ୍ପାଦନ କରୁଛନ୍ତି । ଘରୋଇ ଏଲପିଜି ଯୋଗାଣକୁ ସର୍ବାଧିକ ଅଗ୍ରାଧିକାର ଦିଆଯାଉଛି। ଗ୍ୟାସ ବଣ୍ଟନରେ ସ୍ୱଚ୍ଛତା ଓ ସଠିକତା ନିଶ୍ଚିତ କରିବା ପାଇଁ ଡେଲିଭରି ସତ୍ୟାପନ ଆଧାରିତ କୋଡ୍ (ଡିଏସି) ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଦ୍ୟାଳୟ, ଡାକ୍ତରଖାନା, ହଷ୍ଟେଲ, ଅଙ୍ଗନବାଡ଼ି କେନ୍ଦ୍ର, ଆହାରକେନ୍ଦ୍ର ଓ କାରାଗାରଭଳି ଅତ୍ୟାବଶ୍ୟକ କ୍ଷେତ୍ରରେ ଏଲପିଜି ଯୋଗାଣକୁ ଅଗ୍ରାଧିକାରଦିଆଯାଇଛି। ଏସବୁଥିରେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ପିଏନଜି ସଂଯୋଗୀକରଣ ଲକ୍ଷ୍ୟ ରଖାଯାଇଛି। ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବାଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି। ସୁବିଧାରେ ରନ୍ଧନ ଗ୍ୟାସ ଯୋଗାଣ ଉପଲବ୍ଧ ହେବା ପାଇଁ ତୈଳ ମାର୍କେଟିଂ କମ୍ପାନୀ ଏବଂ ରେଷ୍ଟୁରାଣ୍ଟ ଆସୋସିଏସନ ମାନଙ୍କ ସହିତ ନିୟମିତ ସମନ୍ୱୟ ରଖାଯାଉଛି। ଇସ୍ପାତ ଏବଂ ଅଟୋମୋବାଇଲ ଭଳି କ୍ଷେତ୍ର ପାଇଁ ମଧ୍ୟ ଅତିରିକ୍ତ କମର୍ସିଆଲ ଏଲପିଜି ଯୋଗାଇ ଦିଆଯାଉଛି। ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା। ବିକଳ୍ପ ବ୍ୟବସ୍ଥା ଭାବେ ଘରୋଇ କ୍ଷେତ୍ରରେ ପିଏନଜି ଓ ପରିବହନ କ୍ଷେତ୍ରରେ ସିଏନଜି ବ୍ୟବହାରକୁ ଅଗ୍ରାଧିକାର ଦିଆଯାଉଛି ଏବଂ ଏ କ୍ଷେତ୍ରରେ ସଂଯୋଗୀକରଣ ଏବଂ ବ୍ୟବହାରୀଙ୍କ ସଂଖ୍ୟା ଯଥାକ୍ରମେ କ୍ରମାଗତ ଭାବେ ଦ୍ରୁତ ବୃଦ୍ଧି ପାଉଥିବା ପରିଲକ୍ଷିତହେଉଛି। ସରକାରୀ ଓ ବାଣିଜ୍ୟିକ ପ୍ରତିଷ୍ଠାନମାନଙ୍କରେ କମର୍ସିଆଲ ଏଲପିଜିରୁ ପିଏନଜିକୁ ପରିବର୍ତ୍ତନ କରିବା ପାଇଁ ପରାମର୍ଶ ସହ ମାର୍ଗଦର୍ଶିକା ଜାରି କରାଯାଇଛି। ସିଟି ଗ୍ୟାସ ବିତରଣ ନେଟୱାର୍କ(ସିଜିଡି) ସଂପ୍ରସାରଣ ତ୍ୱରାନ୍ୱିତ କରିବାକୁ ଉଦ୍ୟମ ଜାରି ରହିଛି। ଜିଲ୍ଲାୱାରୀ ପିଏନଜି ସଂଯୋଗୀକରଣ ଭିତ୍ତିଭୂମି ବଢାଇବା ସହିତ କଟି ଯାଇଥିବା ପୁରୁଣା ପିଏନଜି ଗ୍ରାହକମାନଙ୍କୁ ପୁନଃ ସଂଯୋଗୀକରଣ କରାଯାଉଥିବା ସଂପର୍କରେ ସୂଚନା ଦିଆଯାଇଥିଲା । ପ୍ରବାସୀ ଶ୍ରମିକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କେବଳ ପରିଚୟ ପତ୍ର ଆଧାରରେ ୫ କେଜି ବିଶିଷ୍ଟ ଏଲପିଜି ସିଲିଣ୍ଡର ବିତରକମାନଙ୍କ ଜରିଆରେ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ବେଆଇନ୍ ଗ୍ୟାସ ସିଲିଣ୍ଡର ,ଚୋରା ଚାଲାଣ କରୁଥିବା ଓ ଅନ୍ୟତ୍ର ବ୍ୟବହାର ପାଇଁ ନିଆଯାଉଥିବା କ୍ଷେତ୍ରରେ ସାରା ରାଜ୍ୟରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯାଇ ଯାଞ୍ଚ ଓ ଚଢଉକୁ ଜୋରଦାର କରାଯାଇଛି। ବେଆଇନ୍ ଗଚ୍ଛିତ ସିଲିଣ୍ଡର ଜବତ କରାଯିବା ସହ ଆଇନ୍ ଖିଲାପ କାରୀଙ୍କ ବିରୁଦ୍ଧରେ ଅତ୍ୟାବଶ୍ୟକ ଦ୍ରବ୍ୟ ଆଇନ୍ ଅନୁସାରେ ମାମଲା ରୁଜୁ କରାଯିବା ଏବଂ ଗିରଫ କରାଯିବା ଭଳି ପଦକ୍ଷେପ ନିଆଯାଇଛି। ରାଜ୍ୟସ୍ତରରେ ଏବଂ ଜିଲ୍ଲା ସ୍ତରରେ ନିୟନ୍ତ୍ରଣ କକ୍ଷ ଚବିଶ ଘଣ୍ଟିଆ କାର୍ଯ୍ୟ କରୁଥିବା ବେଳେ ରାଜ୍ୟ ଓ ଜିଲ୍ଲାସ୍ତରରେ ସଂକଟ ପରିଚାଳନା ଗ୍ରୁପ୍ (କ୍ରାଇସିସ୍ ମ୍ୟାନେଜମେଣ୍ଟ ଗ୍ରୁପ୍) ଗଠିତ ହୋଇ ଦୈନନ୍ଦିନ ସ୍ଥିତି ଉପରେ ନଜର ରଖି ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ସ୍ୱରାଷ୍ଟ୍ର, ଶିଳ୍ପ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଗୃହ ଏବଂ ସହରାଞ୍ଚଳ ବିକାଶ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଉଷା ପାଢ଼ୀଙ୍କ ସମେତ ବାଣିଜ୍ୟ ଓ ପରିବହନ, ଉଚ୍ଚ ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ପର୍ଯ୍ୟଟନ ଆଦି ବିଭିନ୍ନ ବିଭାଗର ସଚିବ ଏବଂ ତୈଳ ମାର୍କେଟିଂ କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

## ପୂର୍ତ୍ତ ବିଭାଗର ୩, ଜଳସମ୍ପଦ ବିଭାଗର ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ

ଭୁବନେଶ୍ୱର,(ଜା.ପ୍ର): ନୂଆଦିଲ୍ଲୀସ୍ଥିତ ବି.ଆର. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀନିତୀନ ଗଡ଼କରୀ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି.ଆର ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଜୋର ଦେଇଥିଲେ। ରାଜ୍ୟ ପୂର୍ତ୍ତ ବିଭାଗର ୩ଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍‌ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସୀ ହସ୍‌ପିଟାଲକୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ରାଜ୍ୟ ଜଳସମ୍ପଦ ବିଭାଗର ୫ଟି ପ୍ରକଳ୍ପ ଯଥା ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା। ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧିରେଦ କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ସମ୍ବଲପୁରସ୍ଥିତ ଆଇ.ଆଇ.ଏମ୍ କ୍ୟାମ୍ପସ ପାଇଁ ଏନ୍‌ବିସିସିର ଉଚ୍ଚାଧିକାରୀ ଚିନ୍ମୟ ଘୋଷ, ଏମସ୍ ଭୁବନେଶ୍ୱର ପାଇଁ ନିର୍ଦ୍ଦେଶକ ଡା. ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା। ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ନୂତନ ଡାଟା ସେଣ୍ଟର, କୋରାପୁଟସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ପୁରସ୍କାର ଦିଆଯାଇଥିଲା । ଏହି ଅବସରରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ଲିନ୍ ନିର୍ମାଣ କୌଶଳ ଉପରେ ଲିଖିତ ପୁସ୍ତକକୁ ଜୁରୀ ମଣ୍ଡଳୀ ଉନ୍ମୋଚନ କରିଥିଲେ। ନିର୍ମାଣ କ୍ଷେତ୍ର ପାଇଁ ଅବଦାନ ସକାଶେ ଖ୍ୟାତିସମ୍ପନ୍ନ ଇଞ୍ଜିନିୟର ଅଶୋକ ବାସା ଏବଂ ସ୍ଥପତି ତାରାପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଓଡ଼ିଶାର ପୁରସ୍କୃତ ପ୍ରକଳ୍ପମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ଦର୍ଶକମାନେ ଏହାକୁ ପ୍ରଶଂସା କରିଥିଲେ।

# ପ୍ରବୃତ୍ତି ଓ ପ୍ରକୃତିର ନିଆରା ରୂପକାର ଥିଲେ ସ୍ୱଭାବ କବି ଗଙ୍ଗାଧର

ଭୁବନେଶ୍ୱର,(ଜା.ପ୍ର): ପ୍ରକୃତିର ଶୋଭାରେ ପ୍ରବୃତ୍ତି ଓ ପ୍ରବୃତ୍ତିଭିତରେ ପ୍ରକୃତିର ମୂଲ୍ୟବୋଧକୁ ସନ୍ଧାନ କରି ସାର୍ବକାଳିକ ସାମାଜିକ ଶୃଙ୍ଖଳାର ବାର୍ତ୍ତା ଦେଇଛନ୍ତି ସ୍ୱଭାବକବି ଗଙ୍ଗାଧର। ତାଙ୍କ ରଚନାର ଚର୍ଚ୍ଚା ଓ ଚିନ୍ତନ ଏକାନ୍ତ ଉପାଦେୟ ବୋଲି ମତ ପ୍ରକାଶ ପାଇଛି। ଗତକାଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ'ପକ୍ଷରୁ ଗୀତଗୋବିନ୍ଦ ସଦନ ଆୟୋଜିତ ହେଉଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'ରଙ୍ଗାଜୀବ ଗଙ୍ଗାଧର' ଶୀର୍ଷକ ଉଦ୍‌ଯାପନ ଦିବସରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜ୍ୟ ସୂଚନା ଆୟୁକ୍ତ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଓଡ଼ିଆ ଜନଜୀବନରେ କବି ଗଙ୍ଗାଧରଙ୍କ ରଚନାବଳୀର ସାର୍ବକାଳିକ ପ୍ରଭାବ ସମ୍ପର୍କରେ ଅବତାରଣା କରିବା ସହିତ ଭୁବନେଶ୍ୱର ଭଞ୍ଜଭାରତୀର ଛବିଶ ବର୍ଷର ଏଭଳି ସାଧୁ ଉଦ୍ୟମକୁ ପ୍ରଶଂସା କରିଥିଲେ। ସେହିପରି ବରେଣ୍ୟ ଅତିଥି ତଥା ପ୍ରାକ୍ତନ ପ୍ରଶାସକ ସରୋଜ କୁମାର ସାମଲ ସ୍ୱଭାବକବିଙ୍କ କୃତି ଓ ସାରସ୍ୱତ ସ୍ୱୀକୃତି ସମ୍ପର୍କରେ ବକ୍ତବ୍ୟ ରଖିବା ସଙ୍ଗେ ସଙ୍ଗେ ଭଞ୍ଜଭାରତୀର ଉତ୍ତରୋତ୍ତର ପ୍ରଗତି କାମନା କରିଥିଲେ। ସଭାର ବରେଣ୍ୟବକ୍ତା ତଥା ମେହେର ସାହିତ୍ୟ ଗବେଷକ ଡକ୍ଟର ସୁଶୀଲ କୁମାର ବାଗ୍ ମେହେର କବିଙ୍କ କାବ୍ୟକବିତାରେ ଥିବା ସୂକ୍ଷ୍ମଦାର୍ଶନିକ ତତ୍ତ୍ୱର ଆଲୋଚନା ସହ ବିଭିନ୍ନ ସର୍ବଭାରତୀୟ କବିଙ୍କ ରଚନାର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ସ୍ୱଭାବକବି ଗଙ୍ଗାଧରଙ୍କ ରଚନାରେ ଭରି ରହିଥିବା ମାନବୀୟ ଦର୍ଶନ ଓ ଆବେଦନକୁ ପ୍ରକାଶ କରିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଗଙ୍ଗାଧର ସଙ୍ଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀର ସମ୍ପାଦିକା ଶୁଭଶ୍ରୀ ମିଶ୍ର ଓ କୋଷାଧ୍ୟକ୍ଷା କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ ସଦସ୍ୟା ଅସୀମା ତ୍ରିପାଠୀ ସଂଯୋଜନା ଓ ସଦସ୍ୟ ଗିରିଜାପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ମାଳତୀ ତ୍ରିପାଠୀ, ଉତ୍କଳଲକ୍ଷ୍ମୀ ମିଶ୍ର, ଡକ୍ଟର ନୀଳମାଧବ ପ୍ରଧାନ, ଦିଲ୍ଲୀପ ଦାସ, ଗତିକୃଷ୍ଣ ଦାଶ, ବିନାୟକ ରଥ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

ଜାତୀୟ ଚେତନା
JATIYA CHETANA






# ପିଢ଼ିର ପରିଭାଷା

## ସୁନନ୍ଦା ମହାନ୍ତି

ଅନେକ ସମ୍ଭାବନା ଭିତରୁ ବାରିପଟେ ବାକି ଅଧାକ ଜାଗାରେ ଅଧାତୋଳା ଥିବା ଘରକୁ ପୁରା କରିବା ସମ୍ଭାବନାକୁ ସମ୍ଭବ କରିବାକୁ ଜନବଳ, ଧନବଳ, ମନୋବଳ ସାଙ୍ଗକୁ ଆମ୍ବ ଗଛଟା ହଣା ହେବା ଯେ ସୁନିଶ୍ଚିନ୍ତ ଏହା ଜାଣିବା ପରେ ସମ୍ଭାବନାର ସମ୍ଭବ ସ୍ୱପ୍ନଟା ଦିନ ପରେ ଦିନ ଠପ ହୋଇଯାଇଥିଲା ବୃନ୍ଦାବନ ବାବୁଙ୍କର। କାରଣ ପୁଅ କହୁଥିଲା ମୋ ପିଲା ହେଲେ ଆଉ ହଳଦିବସନ୍ତଟିଏ ଉଡିବାର ଦେଖିବାକୁ ପାଇବନି କି ଏଣ୍ଡୁଅ, ଝିଟିପିଟି, ଚମ୍ପେଇନେଉଳି, ଗୁଣ୍ଡୁଚିମୂଷା ସହିତ ପ୍ରଜାପତି, କଙ୍କି ଜାତୀୟ କୀଟ ପତଙ୍ଗ ଚିହ୍ନିବାକୁ ପାଇବନି। ଯାହାସବୁ ଚିତ୍ରରେ ବହିଭିତରେ ଦେଖିବ। ମାଆ ହସନ୍ତି କୁରୁଳେଇ। ମନ ଭାଙ୍ଗିଯାଏ ବୃନ୍ଦାବନବାବୁଙ୍କର ଯେ ଆଧାତୋଳା ଘରଟାକୁ ତାଙ୍କ ଜୀବନକାଳରେ ବୋଧେ ଉଠେଇ ଛାତ ପକେଇ ଠିଆ କରି ହେବ ନାହିଁ। ପୁଅ ତାର ପିଲାଳିଆମିରେ କ'ଣ କହୁଛି ତ ମାଆର ମୁରୁକୁନ୍ଦିଆ ହସ ବାହାରୁଛି। ସେଇ ଆମ୍ବଗଛ ଦେଇ ମୂଷା, ମାଙ୍କଡ଼ ଓ ଶେଷକୁ ସାପ ପଶିଲା ତ ପୁଅ କହୁଥିଲା ବାପା ଠିକ କହୁଥିଲେ। ଗଛ କାଟିବା ଉଚିତ ନୁହେଁ ସତ କିନ୍ତୁ ଗଛ ଲଗାଇବାର ସ୍ଥିତି ଓ ସ୍ଥାନ ନିରୂପଣ ଠିକ ରହିବା ଦରକାର। ଏମିତିରେ ଗୋଟେ ଆମ୍ବ କଷି ମଧ ମିଳେନା। ବଉଳ ହେବାଠୁ କଷି ହୋଇ ପାଚିଲା ପର୍ଯ୍ୟନ୍ତ ମାଙ୍କଡ଼ ଦାଉ ସାଧୁଥାଆନ୍ତି ଗଛ ଉପରେ। ଦିନ ପରେ ଦିନ ବିତୁଥିବା ବେଳେ ବୃନ୍ଦାବନବାବୁ ଓ ପୁଅ ଆକାଶ ବୁଝିଗଲେଣି ଗଛଟିକୁ କାଟିବା ନିହାତି ଆବଶ୍ୟକ। ନକାଟିଲେ ଏକରେ ବାଡ଼ିପଟ ଜାଗା ବାହାରି ଘର ହୋଇପାରିବ ନାହିଁ। ଦୁଇରେ ପଡୋଶୀ କଳିକୁ ଏଡାଇ ହେବନାହିଁ। ପଡୋଶୀଙ୍କ ଛାତ ଉପରେ ଆମ୍ବ ଗଛର ପତ୍ର ପଡିଲେ, ଡ଼ାଳ ବଢ଼ି ଲମ୍ବିଗଲେ ପ୍ରତିବାଦ। ମାଙ୍କଡ଼ ଓ ସାପ ପଶୁଛନ୍ତିର ଅଭିଯୋଗକୁ ମଧ ଏଡାଇ ଦିଆଯାଇନପାରେ।

ଦିନକୁ ଦିନ ଏସବୁ ସ୍ଥିତି ଓ ପରିସ୍ଥିତି କବଳିତ ବୃନ୍ଦାବନବାବୁଙ୍କ ବହୁଦିନର ସ୍ୱପ୍ନ ବାଡିପଟ ଆଧାତୋଳା ଘରଟିକୁ ପୁରା କରିବା ସହିତ ଆମ୍ବ ଗଛ ହାଣିବା ସ୍ୱପ୍ନ ସମ୍ଭାବନା ପାଖେଇ ଆସୁଥାଏ ତ ସେଦିନ ଗଛ କଟାଳି ସବୁ ପହଞ୍ଚିଗଲେ। ଚୂଡ଼ା କଦଳୀ ନଡ଼ିଆ ଗୋଳେଇ ଖାଇ ଗଛ ଉପରକୁ ଚଢିଗଲେ ଖପ ଖାପ।

ଘରଣୀ ଅନୁସୂୟାଙ୍କ ଛାତିର ହୃତସ୍ପନ୍ଦନ ବଢୁଥାଏ। ଏ ଗଛଟା ତାଙ୍କ ବାପାଙ୍କ ସ୍ମୃତି। ପୁରୀରୁ ସାବିତ୍ରୀ ଅମାବାସ୍ୟାରେ ତାଙ୍କ ଝିଅ ଅନସୂୟାଙ୍କ ପାଇଁ ଅଭଡ଼ା ସହିତ ଆମ୍ବ, ପଣସ ଇତ୍ୟାଦି ଫଳମୂଳ ଆଣି ଆସନ୍ତି। ସେସବୁ ଫଳ ଭିତରୁ ସେ ବର୍ଷ ବାପା ଆଣିଥିବା ଦେଶୀ ଆମ୍ବ ଏତେ ମିଠା ଥିଲା ଯେ ଝିଅ ଅନୁସୂୟାଙ୍କ କଥାରେ ବାପା ଆମ୍ବ ଖାଇବା ପରେ ଟାକୁଆ ପୋତି ଦେଇଯାଇଥିଲେ ଯେ ତାହା ଆଜି ଦ୍ରୁମ। ପୁଣି ସେଥିରେ ପ୍ରତିବର୍ଷ ସେହି ଅଧାତୋଳା ଘର କାନ୍ଥିରେ ଭଦଭଦଳିଆ ଚଢେଇ ଦମ୍ପତ୍ତି ଛୁଆ ଫୁଟେଇ ଏଇ ଆମ୍ବ ଗଛ ଡ଼ାଳରେ ଛୁଆକୁ ଉଡ଼ା ଶିଖାନ୍ତି। ବାପା ତ ଆଉ ନାହାଁନ୍ତି କିନ୍ତୁ ବାପଘର ଗୋତ୍ର ଭାରଦ୍ୱାଜ ହୋଇଥିବାରୁ ଏଇ ଭଦଭଦଳିଆ ଚଢେଇଙ୍କୁ ଅନୁସୂୟାଙ୍କ ବାପା ନିଜ ଗୋତ୍ର ଚିହ୍ନ ରୂପେ ଭାରି ମାନିଥାଆନ୍ତି ତ ପିଲାବେଳୁ ସେ ପକ୍ଷୀ ପ୍ରତି ଅହେତୁକ ଆକର୍ଷଣ ଅନସୂୟାଙ୍କର। ବାପାଙ୍କ ପଛେ ପଛେ ତାଙ୍କ ବୋଉ ଚାଲିଯିବାର ଏ ଭିତରେ ବର୍ଷେ ଉପରେ ହେଲାଣି ତ ସେହି ପକ୍ଷୀ ଦୁହିଁଙ୍କୁ ଦେଖିଲେ ଅନୁସୂୟାଙ୍କୁ ଲାଗେ ସତେ ଯେମିତି ଦିନ ପରେ ଦିନ ବିତି ତାଙ୍କ ପିତା ମାତା ପକ୍ଷୀ ଭଦଭଦଳିଆ ରୂପରେ ଉଡି ଆସିଛନ୍ତି ସେହି ଆମ୍ବ ଗଛ ଉପରକୁ। ପ୍ରତିଦିନ ଲୁଚେଇ ଲୁଚେଇ ସେ ଦେଖିଯାଆନ୍ତି ପକ୍ଷୀ ଦୁହିଙ୍କୁ। ଅନୁସନ୍ଧାନ କରି ଆମ୍ବଗଛରେ ଠାବ କରୁଥାନ୍ତି ପକ୍ଷୀ ଦୁହିଁଙ୍କୁ ତ ଏବେ ଆମ୍ବଗଛ ହଣା ହୋଇଗଲା ପରେ ଏସବୁ ଏକାନ୍ତ ବ୍ୟକ୍ତିଗତ କଥା ମଧ ସବୁଦିନ ତାଙ୍କ ଭିତରେ ଲୁପ୍ତ ହୋଇଯିବ। ଏମିତି ଭାବୁ ଭାବୁ ଖଣ୍ଡ ଖଣ୍ଡ ଆମ୍ବଡ଼ାଳ ତଳେ ପଡୁଥାଏ ହଣା ହୋଇ ତ ହଠାତ ପାଟି କରିଉଠିଲେ ବୃନ୍ଦାବନ ବାବୁ। ରୁହ ରୁହ ତ ହଣାଳୀଙ୍କ କାତି ସ୍ଥିର ହୋଇଗଲା। ଦଉଡିଗଲେ ମାଆ ଅନସୂୟା ଓ ପୁଅ ଆକାଶ। ଦେଖିଲେ ପକ୍ଷୀବସାଟିଏ ଖସିପଡ଼ିଛି ଆମ୍ବଡ଼ାଳ ଭିତରୁ ଓ ତା ଭିତରେ ଏକମାତ୍ର ଅଣ୍ଡାଟିଏ। ରଙ୍ଗଟି ଖୁବ ସୁନ୍ଦର.ଆକାଶ ପରି ଗାଢ଼ ଆକାଶିଆ। ଠିକ ଭଦଭଦଳିଆ ପକ୍ଷୀର ପର ରଙ୍ଗ ପରି। କେତେ ସମ୍ଭାବନାର ସେ ପକ୍ଷୀବସା ଠିକ ମଣିଷ ଘର କରିବା ସ୍ୱପ୍ନ ଦେଖିବା ପରି। ଦିନରାତି ଏକାକାର କରି ପକ୍ଷୀବସା କରିବା ଭଳି କଷ୍ଟ କାମ ଭିତରେ ଅଣ୍ଡା ଫୁଟି ପକ୍ଷୀ ଶାବକର ସମ୍ଭାବନା ସ୍ୱପ୍ନ ଉଜାଡି ଦେଇ ଗଛକାଟିବାରୁ ବିରତି ନେଇ ଫେରିଗଲେ କଟାଳିମାନେ ବୃନ୍ଦାବନବାବୁଙ୍କ ନିର୍ଦ୍ଦେଶରେ। ଯିବା ପୂର୍ବରୁ ପକ୍ଷୀବସାଟିକୁ ଠିକ ଠାକରେ ଗଛ ଉପରେ ରଖିଦେଇ ଯାଅ ବୋଲି କହିଥିଲେ ବୃନ୍ଦାବନ ବାବୁ। ପକ୍ଷୀଙ୍କ ଛୁଆ ଫୁଟି ବାହାରିସାରୁ ଗଛହାଣିବା କହିଥିଲେ ବୃନ୍ଦାବନ ବାବୁ। ସନ୍ଧ୍ୟାରେ ଗଛ ଉପରେ ଉଡ଼ି ଉଡ଼ି ଦୁଇ ଭଦଭଦଳିଆ ପକ୍ଷୀ ସନ୍ଧାନ କରୁଥିଲେ ତାଙ୍କ ସମ୍ଭାବନା ସ୍ୱପ୍ନ କୁ ତ ଅନୁସୂୟା ଡାକି ଦେଖାଉଥିଲେ ସ୍ୱାମୀ ବୃନ୍ଦାବନ ବାବୁ ଓ ପୁଅ ଆକାଶକୁ। କହୁଥିଲେ ଦେଖ ଦେଖ ପୁଅ ତୋ ପୁଅ ଝିଅ ହେଲେ ଭଦଭଦଳିଆ ପକ୍ଷୀ ଦେଖିବେ। ବୃନ୍ଦାବନବାବୁ ତାଙ୍କ ଘରତୋଳା ସମ୍ଭାବନାକୁ ଆମ୍ବଗଛ ପରି ଅନେକ ପକ୍ଷୀ ସମ୍ଭାବନାର ସ୍ଥଳୀକୁ ଆଉ କାଟିବେନି ବୋଲି ସ୍ଥିର କରିସାରିଥିଲେ ମନେ ମନେ ଏ ଭିତରେ। ବିତୁଥିଲା ଦିନ ପରେ ଦିନ।

ଦିନ ପରେ ଦିନ ବିତି ଚାଲିଥିଲା। ପକ୍ଷୀମାନଙ୍କ ଉପରେ ଥେସିସଟି ଖୁବ ଭଲ ହୋଇଥିବ ବୋଲି ବାପା ମାଆ ଯେତେ ନିର୍ଭର ପ୍ରତିଶ୍ରୁତି ଦେଲେ ମଧ ପୁଅ ଆକାଶର ମନ ମାନୁନଥିଲା। ଜେଜେମା ନାହାଁନ୍ତି ଆଉ ତା' ସଫଳତା ପାଇଁ ଠାକୁରଙ୍କୁ ମାନସିକ କରିବେ। ଜେଜେ ମଧ ଥାଇ ନଥିଲା ପରି ଅବସ୍ଥା ନଚେତ ଆକାଶର ଭାବନା ସହିତ କେତେ କଥା ଯୋଡ଼ି ନୂଆ ପିଢ଼ି ପାଇଁ ଉତ୍ସାହ ଭରିଦେଉଥାଆନ୍ତେ। ସତରେ ବୁଢ଼ାବୁଢ଼ୀ ଲୋକଙ୍କୁ ବୟସ୍କ ନଭାବି ବରିଷ୍ଠ ଭାବି ତାଙ୍କ ଅନୁଭୂତି ନେଇ ଓ ଆଶୀର୍ବାଦ ପାଇ ଆଗେଇ ଗଲେ ଜୀବନରେ ନିଶ୍ଚୟ ସଫଳତା ମିଳିଥାଏ। ସେଥିପାଇଁ ତ ଜେଜେମା ଠାରୁ ଶୁଣିଥିବା ସେଇ ଗଳ୍ପଟି କଥା ଆଜି ଖୁବ ମନେ ପଡେ ଆକାଶର। ସେହି ଗଳ୍ପଟିରେ ଗୋଟିଏ ଦେଶର ଜଣେ ରାଜା ରାଜ୍ୟର ସବୁ ବୟସ୍କ ବୁଢ଼ାବୁଢ଼ୀଙ୍କୁ ରାଜ୍ୟ ବାହାରକୁ ବିତାଡିତ କାରିବାକୁ ଆଦେଶ ଦେଇଥିଲେ। ରାଜ୍ୟର ଜଣେ ଚାଷୀ କିନ୍ତୁ ତା ବୃଦ୍ଧ ବୃଦ୍ଧା ବାପା ମାଆଙ୍କୁ ଲୁଚାଇ ରଖିଥିଲା। ରାଜ୍ୟରେ ଯେତେବେଳେ ଦୈବ ଦୁର୍ବିପାକ ଜନିତ ଦୁଃଖ କଷ୍ଟ ହେଉ ବା ଆଭ୍ୟନ୍ତରୀଣ ବ୍ୟାପାରର ସମାଧାନର ସୂତ୍ର ପାଇଁ ହେଉ ବାଟ ମିଳୁନଥିଲା କି ବିଜ୍ଞ ଲୋକ କି ଜ୍ଞାନୀ ଲୋକ କିଛି କହିପାରୁନଥିଲେ ସେତେବେଳେ ରାଜା ହୃଦୟଙ୍ଗମ କାରିଥିଲେ ଅନୁଭବି ଲୋକ ହିଁ ଏହି ପ୍ରକାର ଦୁର୍ଦ୍ଦିନର ସହାୟକ ହୋଇ ପାରିଥାଆନ୍ତେ। ମାତ୍ର ନେଡି ଗୁଡ଼ କହୁଣୀକୁ ବୋହିଗଲେ ଯେମିତି ଚାଟି ହୁଏନା ରାଜା ସେହିପରି ସବୁ ଅଭିଜ୍ଞ ବୁଢାବୁଢୀଙ୍କୁ ରାଜ୍ୟରୁ ବିତାଡିତ କରି ପସ୍ତଉଥିଲେ। ନଇଁ ପଡ଼ିଥିବ ଯେତିକି ବେଳେ ବିଧାଏ ମାରିବ ସେତିକି ବେଳେ ନ୍ୟାୟରେ ଚାଷୀ ଏବେ ନିଜ ବାପାଙ୍କୁ ପଚାରି ତାଙ୍କ ବୁଦ୍ଧି, ବଳ, କୌଶଳ ଦ୍ୱାରା ରାଜ୍ୟରେ ଓ ରାଜ୍ୟକୁ ପଡ଼ିଥିବା ବିପତ୍ତିର ଆଶୁ ପ୍ରତିକାର କହିଦେବା ଦ୍ୱାରା ରାଜା ଓ ରାଜ୍ୟର ସମସ୍ୟା ଚାଲିଯାଇଥିଲା। ରାଜାଙ୍କର ସେହି ଚାଷୀଙ୍କ ଉପରେ ସନ୍ଦେହ ହୋଇଥିଲା। ଏହା ତୁମ ନିଜ ବୁଦ୍ଧି ନୁହେଁ କହିବାରୁ ଚାଷୀ ସବୁ ସତ କଥା ମାନି ନିଜ ବାପାଙ୍କଠାରୁ ବୁଝି ଏସବୁ କରିବାକୁ ଓ କହିବାକୁ ସମର୍ଥ ହୋଇଛନ୍ତି ବୋଲି ସତ ମାନିଯାଇଥିଲେ। ରାଜାଙ୍କ ଦ୍ୱାରା ଏଥର ତାଙ୍କ ମୁଣ୍ଡକାଟ ସୁନିଶ୍ଚିତ ଭାବୁଥିଲେ ସମସ୍ତେ। କିନ୍ତୁ ଚାଷୀଙ୍କ ମୁଣ୍ଡରେ ଶିରପା ଶାଢ଼ୀ ବାନ୍ଧି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଖୋଦ ରାଜା। ସବୁ ପୁଅମାନେ ନିଜ ବୃଦ୍ଧ ପିତା ମାତାଙ୍କୁ ଏହିଭଳି ସୁରକ୍ଷା ଦେଇପାରିଲେ ଦେଶ, ଜାତି ଓ ରାଜ୍ୟର ଗୌରବ ଫେରିପାରିବ ବୁଝି ନିଜର ଭୁଲକୁ ସୁଧାରିବାକୁ ଯାଇ ନିର୍ବାସିତ ବୃଦ୍ଧ ବୃଦ୍ଧାଙ୍କୁ ଫେରେଇ ଆଣିଥିଲେ ରାଜ୍ୟକୁ। ଦିନ ପରେ ଦିନ ବିତୁଥିଲା। ଜେଜେଙ୍କର କିନ୍ତୁ ରୋଗ ବଢୁଥିଲା। ରୋଗ, ଋଣ ସମୟ ଭଳି ନିଶ୍ଚଳତାକୁ ହାତ କାହାର ଅଛି ଭାବି ନାତି ଆକାଶ କୌଣସି ସାଧୁବାବାଙ୍କ ପାଖକୁ ଯାଇ ନିଜ ଭବିଷ୍ୟତ ବିଷୟରେ ପରାମର୍ଶ ଲୋଡ଼ିବାକୁ ବାହାରିଲା ବେଳେ ଜେଜେ ତାଙ୍କ ନିଶ୍ଚଳ ଅବସ୍ଥାରୁ କେଇ ମୁହୂର୍ତ୍ତ ଉଠିବସିଲେ ଓ କହିଲେ ତୋ ଜେଜେମା ବଞ୍ଚିଥିଲେ କହିଥାଆନ୍ତା ଯେ ଭଣ୍ଡ ବାବା ଯଦି କହନ୍ତେ ସତ। ଦ୍ୱାରେ ଦ୍ୱାରେ ବୁଲି ମାଗନ୍ତେ ନାହିଁ ଭିକ। ଏଥର ନିଜ ଭୁଲ ବୁଝି ନାତି ଶାନ୍ତିରେ ଓ ସଫଳତା ପାଇବାକୁ ନିଶ୍ଚଳ ନରହି ନିଜ ଉଦ୍ୟମକୁ ଓ ନିଜ କର୍ମକୁ ବୁଝି ଆଗେଇ ଯିବା ଉଚିତ ବୋଲି ବୁଝିଥିଲା। ଦିନ ପରେ ଦିନ ବିତୁଥିଲା.ସତକୁ ସତ ନାତି ଆକାଶ ର ପକ୍ଷୀ ଉପରେ ଗବେଷଣାତ୍ମକ ଥେସିସଟି ପୁରସ୍କୃତ ହେଲାବେଳକୁ ଜେଜେ କିନ୍ତୁ ବାଦୁଡ଼ି ପରି ଉଡି ଯାଇଥିଲେ ଜେଜେମା ପାଖକୁ। ନିଜର କୃତିତ୍ୱ ଭିତରେ ମଧ ଏହି ଦୁଃଖରେ ନାତି ଆକାଶ ଏକଦମ ନିଶ୍ଚଳ ଓ ଦୁଃଖୀ ଥିଲା।

ଯେଉଁଦିନ ସମସ୍ତ ଛାତ୍ରମାନଙ୍କୁ ସେମାନଙ୍କ ଭିନ୍ନ ଭିନ୍ନ କ୍ଷେତ୍ରରେ ପ୍ରତିଭା ଓ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଉଥିଲା ସେଦିନ ପ୍ରିନ୍‌ସିପାଲ ଏକ ଅଭିନବ ଯୋଜନା କରିଥିଲେ। ସେମାନେ ଏଥର ସମସ୍ତ ଛାତ୍ରଛାତ୍ରୀଙ୍କ ପିତାମାତାଙ୍କ ସହିତ ଗ୍ରାଣ୍ଡ ପିତାମାତା ବା ଜେଜେ ଓ ଜେଜେମାଆମାନଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ କରିଥିଲେ। ଏଥର ଅଭିଭାଷଣରେ ପ୍ରିନ୍ସିପାଲ କହିଥିଲେ ପ୍ରତ୍ୟେକ ଛାତ୍ର ଛାତ୍ରୀଙ୍କ ଗ୍ରାଣ୍ଡ ଫାଦର ଓ ମଦରଙ୍କ ଜିନରୁ ପରବର୍ତ୍ତୀ ପିଲାମାନଙ୍କ ପାଖକୁ ସୃଜନୀଶୀଳତା ଆସିଥାଏ। ତେଣୁ ସେହି ବରିଷ୍ଠ ଓ ବୟସ୍କ ତଥା ଅନୁଭୂତିସମ୍ପର୍ଣ୍ଣ ଗୁରୁଜନମାନଙ୍କୁ ମିଳିତ ପ୍ରଣାମୀ ଜଣେଇବାକୁ ଆଜିର ଦିବସରେ ଶପଥ ନେବାକୁ ସେମାନଙ୍କୁ ଏହି ମଞ୍ଚକୁ ଡକାଯାଇଛି। ଆସ ସମସ୍ତେ ସମ୍ମିଳିତ ଭାବେ ତାଙ୍କୁ ପ୍ରଣାମ ଜଣେଇ ତା ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ତାଙ୍କ ପିତାମହ ଓ ପିତାମହୀଙ୍କୁ ନିମନ୍ତ୍ରଣ କରି ଯିବ ଷ୍ଟେଜ ଉପରକୁ। ସେମାନେ ଆସି ତାଙ୍କ ଉତ୍ତରୋତ୍ତର ଦାୟାଦମାନଙ୍କୁ ନିଜ ହାତରେ ସମ୍ବର୍ଦ୍ଧନା କରିବା ହେବେ। ଆକାଶ ବେଳକୁ ତାର ପିତା ଓ ମାତା ଷ୍ଟେଜ ଉପରକୁ ଆସିଥିଲେ। ତାଙ୍କ ହାତରୁ ଟ୍ରଫି ଇତ୍ୟାଦି ଗ୍ରହଣ କରୁ କରୁ ଆଖି ଛଳ ଛଳ ଓ ହୃଦୟ ଭିତରୁ କୋହ ଉଠୁଥିଲା ସ୍ୱର୍ଗୀୟ ଜେଜେ ଓ ଜେଜେମାଙ୍କ ପାଇଁ। ଆକାଶର ଜେଜେ ଓ ଜେଜେମାଆ ବାଦୁଡ଼ି ହେଉ ହେଉ ଉଡି ସାରିଥିଲେ ତାଙ୍କ ବାହୁଡ଼ା ନୀଡ଼କୁ। ଆକାଶରେ ତାରା ହେବାକୁ.ଦିନ ପରେ ଦିନ ବିତି ସାରିଥିଲା।

ବାଡ଼ିପଟ ଆମ୍ବଗଛ କଟା ହୋଇନଥିଲା। ପକ୍ଷୀ ବସାକରୁଥିଲେ ସବୁ ବର୍ଷ ଆମ୍ବଗଛ ଡ଼ାଳରେ। ପୁଅ ଆକାଶ ବାହା ହୋଇ ତାର ପୁଅଟିଏ ହେଲା ବେଳକୁ ବାପା ମାଆ ଆଗପଛ ହୋଇ ଚାଲିଗଲେ। ଆମ୍ବଗଛ ପାଇଁ ପ୍ରତିବେଶୀଙ୍କର ଯେପରି କିଛି ଅସୁବିଧା ନହୁଏ ଅର୍ଥାତ ତାଙ୍କ ଛାତରେ ପତ୍ର ଜମା ହେବା, ଗଛଦେଇ ମାଙ୍କଡ଼ ବା ସାପ ସେପଟକୁ ନଯିବା ଇତ୍ୟାଦି କଥା ସବୁକୁ ନଜରରେ ରଖି ଡ଼ାଳ ହାଣୁ ହାଣୁ ଗଛ କୋରଡ଼ରେ ଗୁଣ୍ଡୁଚିମୂଷା ଦେଖି ଆକାଶର ପୁଅ ବାବା ବହୁତ ଖୁସି ହେଉଥିଲା ତ ଆକାଶ ଗୁଣ୍ଡୁଚିମୂଷା ବିଷୟରେ ସୁନ୍ଦର କାହାଣୀଟିଏ କହିଥିଲା ପୁଅ ବାବାକୁ। ତ୍ରେତୟା ଯୁଗରେ ରାମଙ୍କ ବନବାସ ସମୟରେ ମାତା ସୀତାଙ୍କୁ ରାବଣ ନେଇ ଅଶୋକ ବଣରେ ରଖିଥାଏ। ରାମଙ୍କ ଭକ୍ତ ହନୁମାନ ଉଡି ଉଡି ଯାଇ ସୀତାଙ୍କୁ ଠାବ କରି ଆସିଥାନ୍ତି। ସୀତାଙ୍କୁ ଅସୁର ରାବଣ କବଳରୁ ରକ୍ଷା କରିବାକୁ ହେଲେ ଲଙ୍କାକୁ ଯିବାକୁ ସମୁଦ୍ର ପଥରେ ରାସ୍ତା ନିର୍ମାଣ ଜରୁରୀ ଓ ଅତ୍ୟାବଶ୍ୟକ ଥିବାରୁ ହନୁମାନ, ସୁଗ୍ରୀବ ଓ ବାନର ସେନା ମିଶି ଲଙ୍କାରେ ପହଞ୍ଚିବା ପାଇଁ ସମୁଦ୍ରରେ ସେତୁବନ୍ଧ ବାନ୍ଧୁଥାଆନ୍ତି, ପ୍ରଭୁ ଶ୍ରୀରାମଙ୍କ ଅନୁମତିରେ। ଏହି ସମୟରେ ଛୋଟ ଗୁଣ୍ଡୁଚି ମୂଷାଟିଏ ସମୁଦ୍ରରେ ଦେହ ଧୋଇ ବାଲିରେ ଗଡି, ଯାଇ ନିଜ ଦେହର ଧୂଳିକୁ ରାସ୍ତା ହେଉଥିବା ସେତୁବନ୍ଧ ଉପରେ ଦେଉଥାଏ ଦେହ ଝାଡ଼ି। ଏ ଦୃଶ୍ୟ ଦେଖି ପ୍ରଭୁ ଶ୍ରୀ ରାମଚନ୍ଦ୍ର ସ୍ନେହରେ ଗୁଣ୍ଡୁଚି ମୂଷା ପିଠିକୁ ତାଙ୍କ ହାତରେ ସାଉଁଳି ଦେବାରୁ, ଦିନ ପରେ ଦିନ ବିତି ଯାଇଥିଲେ ମଧ ଗୁଣ୍ଡୁଚିମୂଷାମାନଙ୍କ ପିଠିରେ ପ୍ରଭୁଙ୍କ ସେହି ତିନି ଆଙ୍ଗୁଳିର ଚିହ୍ନ ରହିଯାଇଛି ତିନିଗାର ହୋଇ। ଗପଟି ଶୁଣିବା ପରଠୁ ପୁଅ ବାବା ଭିତରେ ଅନେକ ଭାବନା। ସେ ପଚାରୁଥିଲା ଜେଜେ ଓ ଜେଜେମାଙ୍କ ଫଟୋ ଦେଖୁଛି ହେଲେ ସେ କ'ଣ କଣ ଆଉ ସବୁ ଏପରି ଚିହ୍ନ ରଖିଛନ୍ତି କୁହ ବାପା ? ଆମ୍ବଗଛଟିକୁ ଜାବୁଡି ବାପା ଆକାଶ କହୁଥିଲେ ଏଇ ଆମ୍ବଗଛକୁ ବଞ୍ଚାଇ ରଖିବାର ଚିହ୍ନ ପୁଅ। ସେଇଦିନଠାରୁ ପୁଅ ବାବା ଗାନ୍ଧୀଜୟନ୍ତୀରେ ବଉଳ ଗଛ, ଗୋପବନ୍ଧୁଙ୍କ ଜନ୍ମ ଦିନରେ ଶାଳ ଗଛ, ପୁଣି ସମସ୍ତ ବରପୁତ୍ର ଓ ଠାକୁର କୃଷ୍ଣଜନ୍ମ, ରାମଜନ୍ମ, ସାଇବାବାଙ୍କ ଜନ୍ମ ଦିନରେ ମଧ ବର, ଓସ୍ତ, ଲିମ୍ବ, ଜାମୁ, ପିଆଶାଳ, ଅଁଳା ଆଦି ଗଛ ଚାରାସବୁକୁ ନିଜ ପକେଟ ଖର୍ଚ୍ଚରୁ କିଣି ପୋତି ଚାଲିଥିଲା.ବାପା ଆକାଶ ପଚାରିଲେ କହୁଥିଲା ଏସବୁ ଗଛର ଆୟୁଷ ଶହ ଶହ ବର୍ଷ ବାପା। ଦିନ ପରେ ଦିନ ବିତି ଯାଇଥିଲେ ମଧ ପ୍ରତିବର୍ଷ ଘରେ ପିତୃପୁରୁଷଙ୍କ ଶ୍ରାଦ୍ଧରେ ଯେମିତି ଆମେ ସେମାନଙ୍କୁ ମନେପକାଉ ସେମିତି ସ୍କୁଲ କଲେଜରେ ଜାତୀୟ ସ୍ତରର ବଡ଼ମଣିଷ ଅର୍ଥାତ ବରପୁତ୍ରମାନଙ୍କ ଜନ୍ମଦିନ ପାଳନ କରାଯାଇ ଆମେ ତାଙ୍କୁ ମନେପକାଅଇ ପାରୁଛୁ। ସେମିତି ଏ ଗଛ ତଳେ ବସି ପ୍ରତ୍ୟେକ ବାଟୋଇ ଗଛ ଦେଖି ଓ ଗଛରେ ବଡ଼ ମନୀଷୀମାନଙ୍କର ନାମ ଫଳକ ଦେଖି ସେମାନଙ୍କ କାମର ସ୍ମୃତି ଚାରଣ କରିବେ। ଯେମିତି ଆଜି ଗୁଣ୍ଡୁଚିମୂଷା କାହାଣୀ ଶୁଣି ମନ ଭିତରେ ବିନା ସ୍ୱାର୍ଥ ରେ ସେବା ପାଇଁ କିଛି ଦେବାକୁ ହୁଏ ବୋଲି ମନରେ ଆସୁଛି ! ବାପା ଆକାଶ ଚୁପ ହୋଇଯାଇଥିଲେ ପୁଅ ବାବା କଥାରେ।

ଏ ଭିତରେ ବାବା ତାଙ୍କ ଘର ଆଗରେ ଲଗାଇଥିବା ବରଗଛଟି ଖୁବ ବଡ଼ ହୋଇଯାଇଥାଏ। ତା ମାଆ ପ୍ରତିଦିନ ସେହି ବରଗଛକୁ ପୂଜା କରନ୍ତି. ବାପା ଆକାଶ ମଧ ଛାତ ଉପରେ ବସି ଅନେକ ପକ୍ଷୀ ଦେଖୁ ଦେଖୁ ବାର୍ଡ ଚଢେଇ କଥା କହୁଥାନ୍ତି ବାବାକୁ। ବାବା ମନରେ ମଧ ଅନେକ ପ୍ରଶ୍ନ. ପକ୍ଷୀ ବା ଚଢେଇକୁ ଇଂରାଜିରେ ବାର୍ଡ କୁହାଯାଏ। ତେବେ ବାର୍ଡ ଚଢେଇ ବୋଲି କହୁଥିବା ବାପା ଅକାଶ ପୁଅ ବାବାକୁ ତାଙ୍କ ପିଲାଦିନ କଥା କହୁଥିଲେ। ପିଲାଦିନେ ଖାଇବା ପିଇବାକୁ ଅଝଟ ହେଲେ ତୋ ଜେଜେମା ମତେ ଏଇ ଚଢେଇକୁ ଦେଖେଇ କହେ ବାର୍ଡ ତୁ ଖାଇବୁ ? ଆସ ଆସ ଖାଇବୁ କହିଲେ ମୁଁ କାଳେ ଖାଇନିଏ। ତା ପରଠୁ ସେହି ପକ୍ଷୀର ଏପରି ନାମକାରଣ ରହିଯାଇଛି ପୁଅ। ବାବା କହୁଥିଲା ମଣିଷ ଜନ୍ମ ହେଲେ ଦିନେ ମରିବ. ପ୍ରଭୁ ରାମଚନ୍ଦ୍ର ଓ ଶ୍ରୀକୃଷ୍ଣ ମଧ ମାନବ ଦେହ ଧରି ଦିନେ ଜନ୍ମ ହୋଇ ଦିନେ ମୃତ୍ୟୁବରଣ କରିଥିଲେ କିନ୍ତୁ ତାଙ୍କ ବିଷୟରେ ବହି ରାମାୟଣ ଓ ମହାଭାରତ ପିଢିପିଢ଼ି ପରେ ପିଢ଼ି ଯେମିତି ସବୁକଥା ଜାଣୁଛନ୍ତି ଘରେ ଘରେ ମଧ ଅନେକ କଥା କାହାଣୀ। ସେସବୁକୁ ଶବ୍ଦ ରୂପ ଦେଇ ଗଳ୍ପ, କବିତା, କାହାଣୀ ଲେଖିବାର କେତେ ଆବଶ୍ୟକତା ରହିଛି ନା ବାପା ! ଡିଜିଟାଲ ଯୁଗରେ ଆଉ ବହି କେହି କିଏ ପଢୁନାହାଁନ୍ତି କହିବା ଭାରି ସହଜ କିନ୍ତୁ ବହି ଲେଖି, ଛାପି, ଲାଇବ୍ରେରୀ କରି ରଖିଲେ ସମସ୍ତେ ପଢିବେ। ପୁଅର କଥା ଶୁଣି ବାପା ଆକାଶ ଭାବୁଥିଲେ ପୁଅ ତାଙ୍କର ଖୁବ ବଡ଼ ହୋଇଯାଇଛି ଏବେ ଦିନ ପରେ ଦିନ ବିତି ସାରିଛି। ଆକାଶ ଏବେ ଅବସର ପରେ ନିଜ ପିଲାଦିନ, ନିଜ ଚତୁଃପାଶ୍ୱରେ ଥିବା ପରିବେଶ ଓ ଅନୁଭୂତିକୁ ସବୁ ନେଇ ଶିଶୁଗଳ୍ପ, କବିତା ଲେଖୁଥିଲା ବେଳେ ବରଗଛଟିରେ ଥିବା ପକ୍ଷୀବସା ତାଙ୍କୁ ଲେଖିବା ପାଇଁ ନୂଆ ସମ୍ଭାବନା ଦେଇଚାଲିଥିଲା ନିଜ ପୁଅ ବାବାର କଥା ଭଳି। ଆଉ ସେ ଲେଖିଚାଲିଥିଲେ ଦୃଷ୍ଟାନ୍ତ ସହ ଅନେକ ବାର୍ତ୍ତାକୁ ନେଇ ଦିନ ପରେ ଦିନ କାହାଣୀ, କବିତା, ଶିଶୁଗଳ୍ପ, ପ୍ରବନ୍ଧ ଆଦି ଭାଷାର ରୁପାନ୍ତର.ବାବା କହୁଥିଲା ଆମେ ଓଡ଼ିଆ ଆମ ଭାଷା ବଢିଆ।

ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

ଜାତୀୟ ଚେତନା
JATIYA CHETANA



# ଗୁଜରାଟ ଟାଇଟନ୍ସର ଦ୍ୱିତୀୟ ବିଜୟ



ଲକ୍ଷ୍ନୌ,(ଏଜେନ୍ସି): ଆଇପିଏଲ୍ ୨୦୨୬ର ୧୯ତମ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଲକ୍ଷ୍ନୌ ସୁପର୍ ଜାଏଣ୍ଟସ୍‌କୁ ୭ ୱିକେଟ୍‌ରେ ହରାଇ ଦେଇଛି। ଇକାନା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ଦ୍ୱାରା ସ୍ଥାପିତ ୧୬୫ ରନ୍‌ର ଲକ୍ଷ୍ୟକୁ ଗୁଜରାଟ ୧୮.୪ ଓଭର୍‌ରେ ମାତ୍ର ୩ ୱିକେଟ୍ ହରାଇ ହାସଲ କରିନେଇଛି। ଚଳିତ ସିଜନ୍‌ରେ ଏହା ଗୁଜରାଟର ୪ ମ୍ୟାଚ୍‌ରେ ଦ୍ୱିତୀୟ ବିଜୟ ହୋଇଥିବା ବେଳେ ଲକ୍ଷ୍ନୌର ଚାରି ମ୍ୟାଚ୍‌ରେ ଦ୍ୱିତୀୟ ପରାଜୟ।

ଲକ୍ଷ୍ୟର ପିଛା କରୁଥିବା ଗୁଜରାଟର ଆରମ୍ଭ ସେତେ ଭଲ ନଥିଲା। ଶସି ସୁଦର୍ଶନ ମାତ୍ର ୧୫ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଦିଗ୍‌ବେଶ ରାଠୀଙ୍କ ଶିକାର ହୋଇଥିଲେ। ଏହାପରେ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଓ ଜୋସ୍ ବଟ୍‌ଲର୍‌ଙ୍କ ମଧ୍ୟରେ ୫୮ ବଲ୍‌ରେ ୮୪ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଗିଲ୍ ୬ ଚୌକା ଓ ଗୋଟିଏ ଛକା ସହାୟତାରେ ୪୦ ବଲ୍‌ରେ ୫୬ ରନ୍ କରି ପ୍ରିନ୍ସ ଯାଦବଙ୍କ ବଲ୍‌ରେ ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଜୋସ୍ ବଟ୍‌ଲର୍ ୩୭ ବଲ୍‌ରେ ୧୧ ଚୌକା ସହାୟତାରେ ୬୦ ରନ୍ କରି ମହମ୍ମଦ ଶାମୀଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। ତେବେ ଏହାପରେ ୱାଶିଂଟନ୍ ସୁନ୍ଦର (ଅପରାଜିତ ୧୨) ଓ ରାହୁଲ ତେୱତିୟା (ଅପରାଜିତ ୧୦ ରନ୍) ଗୁଜରାଟ ଟାଇଟନ୍ସକୁ ବିଜୟ ଲକ୍ଷ୍ୟରେ ପହଞ୍ଚାଇଥିଲେ।

ଟସ୍‌ରେ ହାରି ବ୍ୟାଟିଂ ପାଇଥିବା ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ୮ ୱିକେଟ୍‌ରେ ୧୬୪ ରନ୍ କରିଥିଲା। ଦ୍ୱିତୀୟ ଓଭର୍‌ରେ ମିଚେଲ୍ ମାର୍ଶ (୧୧ ରନ୍)ଙ୍କୁ ଆଉଟ୍ କରି କାଗିସୋ ରବାଡ଼ା ଟିମ୍‌କୁ ପ୍ରଥମ ଝଟ୍‌କା ଦେଇଥିଲେ। ଏହାପରେ ମହମ୍ମଦ ସିରାଜ୍ କ୍ୟାପ୍‌ଟେନ୍ ଋଷଭ ପନ୍ତ୍ (୧୮ରନ୍)ଙ୍କ ଇନିଂସ୍‌ରେ ବ୍ରେକ୍ ଲଗାଇଥିଲେ। ଏଡେନ୍ ମାର୍କରମ୍‌ଙ୍କ ରୂପରେ ଲକ୍ଷ୍ନୌର ତୃତୀୟ ୱିକେଟ୍ ପତନ ଘଟିଥିଲା। ମାର୍କରମ୍ ୩୦ ରନ୍ କରିଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୱିକେଟ୍ ଦେଇ ଫେରିଥିଲେ। ପ୍ରସିଦ୍ଧ ଏହାପରେ ଆୟୁଷ ବଡ଼ୋନୀ (୯ ରନ୍)ଙ୍କୁ ମଧ୍ୟ ପ୍ୟାଭିଲିୟନ୍ ଫେରାଇଥିଲେ। ବଡ଼ୋନୀଙ୍କ ଆଉଟ୍ ବେଳକୁ ଟିମ୍‌ର ସ୍କୋର୍ ୭୪/୪ ଥିଲା। ନିକୋଲାସ୍ ପୂରନ୍ (୧୯ ରନ୍) ପୁଣିଥରେ ବିଫଳ ହୋଇ ପ୍ରସିଦ୍ଧଙ୍କ ଶିକାର ହୋଇଥିଲେ। ଏହାପରେ ଅବ୍‌ଦୁଲ୍ ସମଦ ୧୮ ରନ୍ କରିଥିବା ବେଳେ ଅଶୋକ ଶର୍ମା ତାଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଗତ ମ୍ୟାଚ୍‌ର ହିରୋ ମୁକୁଲ୍ ରାୟ ମଧ୍ୟ ନିରାଶ କରି ମାତ୍ର ୧୮ ରନ୍ କରିପାରିଥିଲେ। ପରେ ଅଶୋକ ଶର୍ମା ଇମ୍ପାକ୍ଟ ସବ୍ ଜର୍ଜ ଲିଣ୍ଡେ (୧୬ ରନ୍)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଲଗାତର ୱିକେଟ୍ ପତନ ଫଳରେ ଲକ୍ଷ୍ନୌ ବଡ଼ ସ୍କୋର୍ କରିବାରେ ବିଫଳ ହୋଇଥିଲା। ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣା ସର୍ବାଧିକ ୪ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ଅଶୋକ ଶର୍ମାଙ୍କୁ ଦୁଇଟି ସଫଳତା ମିଳିଥିଲା। କାଗିସୋ ରବାଡା ଓ ମହମ୍ମଦ ସିରାଜ୍‌ଙ୍କୁ ୧-୧ ୱିକେଟ୍ ମିଳିଥିଲା।

## ଇତିହାସ ରଚିଲେ ସାୱନ୍ ବରୱାଲ୍

ନୂଆଦିଲ୍ଲୀ,(ଏଜେନ୍ସି): ହିମାଚଳ ପ୍ରଦେଶର ଲଙ୍ଗ୍ ଡିଷ୍ଟାନ୍ସ ରନର୍ ସାୱନ୍ ବରୱାଲ୍ ଭାରତୀୟ ଆଥ୍‌ଲେଟିକ୍ସ ସବୁଠୁ ଦୀର୍ଘ ସମୟ ଧରି ବଜାୟ ରହିଥିବା ୪୮ ବର୍ଷ ପୁରୁଣା ଜାତୀୟ ମାରାଥନ୍ ରେକର୍ଡ ଭଙ୍ଗକରି ଇତିହାସ ରଚିଛନ୍ତି। ନେଦରଲାଣ୍ଡ୍‌ର ରୋଟରଡାମ୍‌ରେ ଆୟୋଜିତ ଏନ୍‌ଏନ୍ ମାରାଥନ୍ (୪୨.୧୯୫ କିମି ଦୂର)ରେ ବରୱାଲ୍ ୨ ଘଣ୍ଟା ୧୧ ମିନିଟ୍ ଓ ୫୮ ସେକେଣ୍ଡ୍ ସମୟ ନେଇ ୨୦ତମ ସ୍ଥାନ ହାସଲ କରିଛନ୍ତି। ଏହା ସହିତ ଶିବନାଥ ସିଂହଙ୍କ ନାମରେ ୧୯୭୮ରୁ କାଏମ ଦୁଇଘଣ୍ଟା ୧୨ ମିନିଟ୍‌ର ପୁରୁଣା ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଦୌଡ଼ରେ ସାମିଲ ଅନ୍ୟ ଭାରତୀୟଙ୍କ ମଧ୍ୟରେ ଗୋପୀ ଥୋନାକଲ ୨:୧୩:୧୬ ସମୟ ସହ ୨୩ତମ ସ୍ଥାନରେ ରହିଥିଲେ। ରୋଟରଡାମ୍‌ରେ ଆୟୋଜିତ ଏହି ଦୌଡ଼ ବରୱାଲ୍‌ଙ୍କ ପ୍ରଥମ ମାରାଥନ୍ ହୋଇଥିବାରୁ ତାଙ୍କର ଏହି ଉପଲବ୍ଧି ମଧ୍ୟ ଅଧିକ ପ୍ରଶଂସନୀୟ। ରବିବାର ପୂର୍ବରୁ ସେ କୌଣସି ଆଧିକାରିକ ମାରାଥନ୍ ଦୌଡ଼ରେ ଭାଗ ନେଇନଥିଲେ। ଚଳିତ ବର୍ଷ ଜାନୁଆରୀରେ ଆମେରିକାରେ ଅନୁଷ୍ଠିତ କ୍ରସ୍ କଣ୍ଟ୍ରି ଚାମ୍ପିଅନ୍‌ଶିପ୍‌ରେ ଭାଗନେବା ପରେ ଚଳିତ ସିଜନ୍‌ରେ ଏହା ତାଙ୍କର ଦ୍ୱିତୀୟ ପ୍ରତିଯୋଗିତା ଥିଲା। ସେ ଦିଲ୍ଲୀ ହାଫ୍ ମାରାଥନ୍ ଏବଂ ୱାର୍ଲ୍ଡ ୨୫ କୋଲ୍‌କାତା ରନ୍‌ରେ ମଧ୍ୟ ନିୟମିତ ଭାବେ ଭାଗ ନେଇଆସୁଛନ୍ତି। ୨୦୨୪ରେ ଦିଲ୍ଲୀ ହାଫ୍ ମାରାଥନ୍‌ରେ ଭାରତୀୟ ଏଲିଟ୍ ଧାବକଙ୍କ ମଧ୍ୟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ।

## ଫାଇନାଲ୍‌ରେ ହାରି ଆୟୁଷ ରୌପ୍ୟରେ ସନ୍ତୁଷ୍ଟ

ନୂଆଦିଲ୍ଲୀ,(ଏଜେନ୍ସି): ଭାରତର ଯୁବ ଶଟ୍‌ଲର୍ ଆୟୁଷ ସେଟ୍ଟୀଙ୍କୁ ଚୀନ୍‌ର ନିଙ୍ଗ୍‌ବୋରେ ଖେଳାଯାଇଥିବା ବ୍ୟାଡ୍‌ମିଣ୍ଟନ୍ ଏସିଆନ୍ ଚାମ୍ପିଅନ୍‌ଶିପ୍‌ରେ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଫାଇନାଲ୍ ମ୍ୟାଚ୍‌ରେ ଚୀନ୍‌ର ଶୀ ୟୁକି ତାଙ୍କୁ ୨୧-୮, ୨୧-୧୦ ଲଗାତାର ଗେମ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ୪୨ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଫାଇନାଲ୍‌ରେ ହାରି ସତ୍ତ୍ୱେ ଆୟୁଷ ଇତିହାସ ରଚିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ୍‌ର ସିଙ୍ଗଲ୍ସ ଫାଇନାଲ୍‌ରେ ପ୍ରବେଶ କରିବାରେ ଆୟୁଷ ୫୯ ବର୍ଷ ପରେ ପ୍ରଥମ ଏବଂ ଓଭର୍‌ଅଲ୍ ଦ୍ୱିତୀୟ ଭାରତୀୟ ଖେଳାଳି ହୋଇଥିଲେ। ୧୯୬୫ରେ ଦିନେଶ ଖାନ୍ନା ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆୟୁଷ ଇତିହାସ ଦୋହରାଇ ପାରିନଥିଲେ ମଧ୍ୟ ରୌପ୍ୟ ପଦକ ଜିତିଛନ୍ତି। ସେ ଗତ ୫୯ ବର୍ଷରେ ଟୁର୍ଣ୍ଣାମେଣ୍ଟ୍‌ର ପୁରୁଷ ସିଙ୍ଗଲ୍ସରେ କୌଣସି ପଦକ ଜିତିବାରେ ଦ୍ୱିତୀୟ ଭାରତୀୟ ହୋଇଛନ୍ତି। ୨୦୧୮ରେ ଏଚ୍‌ଏସ୍ ପ୍ରଣୟ ଭାରତ ପାଇଁ ବ୍ରୋଞ୍ଜ୍ ପଦକ ଜିତିଥିଲେ। ସେହିପରି ଭାରତ ପାଇଁ ଶେଷ ପଦକ ୨୦୨୩ରେ ସାତ୍ତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ ପୁରୁଷ ଡବଲ୍ସ ଟାଇଟଲ୍ ଜିତି ହାସଲ କରିଥିଲେ। ଟୁର୍ଣ୍ଣାମେଣ୍ଟ୍‌ର ଫାଇନାଲରେ ପହଞ୍ଚିବା ଆୟୁଷଙ୍କ ପାଇଁ ସହଜ ନଥିଲା। ସେ କ୍ୱାର୍ଟର୍ ଫାଇନାଲ୍‌ରେ ବିଶ୍ୱ ନମ୍ବର-୪ ଜୋନାଥନ କ୍ରିଷ୍ଟିଙ୍କୁ ହରାଇଥିଲେ। ଏହା ବ୍ୟତୀତ ଚୀନା ତାଇପେଇର ଚିନ୍ ୟୁ ଜେନ୍ ଏବଂ ଚୀନ୍‌ର ଲି ଶୀ ଫେଙ୍ଗ୍‌ଙ୍କ ପରି ଶକ୍ତିଶାଳୀ ଖେଳାଳିଙ୍କୁ ମଧ୍ୟ ମାତ୍ ଦେଇଥିଲେ। ସେମିଫାଇନାଲ୍‌ରେ ଆୟୁଷ ବିଶ୍ୱ ନମ୍ବର-୧ କୁନ୍‌ଲାଭୁଟ୍ ଭିଦିତ୍‌ସରନ୍‌ଙ୍କୁ ୭୫ ମିନିଟ୍‌ର ମୁକାବିଲାରେ ୧୦-୨୧, ୨୧-୧୯, ୨୧-୧୭ରେ ହରାଇଥିଲେ। ତେବେ ଅନ୍ୟ ଷ୍ଟାର୍ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ପିଭି ସିନ୍ଧୁ ଦ୍ୱିତୀୟ ରାଉଣ୍ଡ୍‌ରୁ ବାଦ୍ ପଡ଼ିଥିବା ବେଳେ ଲକ୍ଷ୍ୟ ସେନ୍ ପ୍ରଥମ ରାଉଣ୍ଡ୍‌ରୁ ବିଦାୟ ନେଇଥିଲେ।

## ବିରାଟଙ୍କ ରେକର୍ଡ ଭାଙ୍ଗିଲେ ଗିଲ୍

ଲକ୍ଷ୍ନୌ,(ଏଜେନ୍ସି): ଗୁଜରାଟ ଟାଇଟନ୍ସ କ୍ୟାପ୍‌ଟେନ୍ ଶୁଭମନ୍ ଗିଲ୍ ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ରେ ଏକ ବଡ଼ କୀର୍ତ୍ତିମାନ ହାସଲ ସହ ନୂଆ ଇତିହାସ ରଚିଛନ୍ତି। ଗିଲ୍ ଆଇପିଏଲ୍‌ରେ ୪୦୦୦ ରନ୍ ପୂରା କରିବାରେ ଗିଲ୍ ସର୍ବକନିଷ୍ଠ ଖେଳାଳି ହୋଇଛନ୍ତି। ଗିଲ୍ ୨୬ ବର୍ଷ ୨୧୬ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିବା ସହିତ ବିରାଟ କୋହଲିଙ୍କ ରେକର୍ଡ ଭଙ୍ଗ କରିଛନ୍ତି। ଗିଲ୍ ୧୧୮ ଇନିଂସ୍‌ରେ ଏହି କୀର୍ତ୍ତିମାନ କରିଥିବା ବେଳେ ଦ୍ୱିତୀୟ ଦ୍ରୁତତମ ଭାରତୀୟ ହୋଇଛନ୍ତି। କେଏଲ୍ ରାହୁଲ ଏହି ରେକର୍ଡ ୧୦୫ ଇନିଂସ୍‌ରେ କରିଥିବା ବେଳେ କୋହଲି (୧୨୮ ଇନିଂସ୍) ତୃତୀୟ ସ୍ଥାନରେ ରହିଛି। ରବିବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟସ ବିପକ୍ଷ ମ୍ୟାଚ୍‌ରେ ସେ ଏହି ଉପଲବ୍ଧି ହାସଲ କରିଛନ୍ତି। ମ୍ୟାଚ୍‌ରେ ସେ ଚମତ୍କାର ବ୍ୟାଟିଂ କରି ନିଜର ୨୮ତମ ଅର୍ଦ୍ଧଶତକ ମଧ୍ୟ ପୂରା କରିଥିଲେ ଏବଂ ଟିମ୍‌ର ୧୬୫ ରନ୍ ଚେଜ୍‌ରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଆଇପିଏଲ୍‌ରେ ୪୦୦୦ ରନ୍ ପୂରଣ କରିବାରେ ସର୍ବକନିଷ୍ଠ ଖେଳାଳିଙ୍କ ସୂଚୀରେ ଗିଲ୍ ଏବେ ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କ ପୂର୍ବରୁ ଏହି ରେକର୍ଡ ବିରାଟ କୋହଲିଙ୍କ ନାମରେ ଥିଲା। କୋହଲି ୨୭ ବର୍ଷ ୧୯୫ ଦିନ ବୟସରେ ଏହି କୀର୍ତ୍ତିମାନ ହାସଲ କରିଥିଲେ। ଏହି ସୂଚନୀରେ ସଞ୍ଜୁ ସାମ୍‌ସନ୍ (୨୯ ବର୍ଷ ୧୪୭ ଦିନ) ଏବଂ ସୁରେଶ ରାଇନା (୨୯ ବର୍ଷ ୧୭୪ ଦିନ) ମଧ୍ୟ ରହିଛନ୍ତି।

## କୋହଲି ଭାଇଟି ଫୁଲେଇ



କୋହଲି ଭାଇଟି ଫୁଲେଇ
ଖାଉଥିଲେ ଦିନେ ମଲେଇ
ହାତରୁ ତାଙ୍କର ଝାମ୍ପି ନେଇଗଲା
ରତନା ଘରର ବିଲେଇ ।
ବୟସ ଅଢ଼େଇ ବରଷ
ସବୁବେଳେ ମନ ହରଷ
ବିଲେଇ ପଛରେ ଧାଇଁଗଲେ ଟିକେ
ପାଇଲେ ବିଲେଇ ପରଶ ।
ରାମ୍ପୁଡ଼ି ଦେଇଛି ହାତକୁ
ଖାଇହଉନାହିଁ ଭାତକୁ
ବୋଉ ଖୋଇଦିଏ ଭାତ, ଡାଲି,ଭଜା
ନେଇକି ଉପର ଛାତକୁ ।
ସାଉଁ ଅଜା ପାଶେ ଆସିଲେ
ଟେଓଁ ଦେଖିବାକୁ ଭାଷିଲେ
ରାଗ ରଖିଥିଲେ ବିଲେଇ ଉପରେ
ତାକୁ ଦେଖି ବହେ ଛେଚିଲେ।
ପଚାରିଲି ଛେଚା କାରଣ
ହେବ ବିଲେଇର ମରଣ
ତମେ ଯେମିତିକା ବାଡ଼େଇଚ ତାକୁ
ଦୋଷ ଟି କରିବା ବରଣ ।
ହସିଦେଇ ଭାଇ କୋହଲି
କହିଲେ କରିକି ଗହଳି
'ଯେସାକୁ ତେସା'ର ଗପ ଜାଣିନ କି
ଯାଇନ କି ତମେ ଚାହାଳି ।

**ମାଧବ ଚନ୍ଦ୍ର ଦାଶ**
କବି କୁଟୀର, ବ୍ରାହ୍ମଣକୁଶଡ଼ିହ,
ଆଙ୍କୁଲାଚଟୀ, ଖୋର୍ଦ୍ଧା

## ଆସିଛି ଓଡ଼ିଆ ନୂଆ ବରଷ



ପ୍ରିୟ ଓଡ଼ିଆଙ୍କ ନୂତନ ବରଷ
ଏଇ ପଣା ସଂକରାନ୍ତି ତିଥିରେ,
ବେଲ ଆମ୍ବ ପଣା ଭୋଗ ଲାଗି ହେବ
ନଡ଼ିଆ, କଦଳୀ, ଦହି ସାଥିରେ ।
ବିଷୁବ ବୃତ୍ତରେ ସୂର୍ଯ୍ୟ ଅବସ୍ଥାନ
ଦିଏ ଗ୍ରୀଷ୍ମ ଆରମ୍ଭର ସୂଚନା,
ପଣା, ପାଣି ପିଇ ଯିବା ସୁସ୍ଥ ରହି
ମନରେ ନରଖି କିଛି ଶୋଚନା।
ନୂଆ ପାଞ୍ଜି ପାଠ ହୁଏ ଏ ତିଥିରେ
ସବୁ ଗାଆଁ ମୁଣ୍ଡ ଚଉତରାରେ,
ସବୁ ଠାରେ ଜଳଛତ୍ର ଖୋଲା ହେବ
ଦହି ପଣା ବଣ୍ଟା ହେବ ଖରାରେ ।
ଥଣ୍ଡା ବେଲ ପଣା ଚାହିଦା ବଢ଼ିବ
ଆସିଗଲେ ଖରାଦିନ ସକାଳ,
ଓଡ଼ିଆ ଘରର ବଢ଼ିଆ ଦରବ
ବଡ଼ି ଚୁରା ଶାଗ ଭଜା ପଖାଳ ।
ରାଧାରମଣ ଓ ହନୁମାନ ଜନ୍ମ
ଝାମୁ ଯାତ୍ରା ବିଧି ହେବ ପାଳନ,
ପିଲାମାନେ ସବୁ ମାମୁଘର ଯିବେ
ହୋଇଯିବ ଛୁଟି ଗ୍ରୀଷ୍ମକାଳୀନ ।
ଓଡ଼ିଆ ଜାତିର ଏ ନୂଆ ବରଷ
ଆସ ହେ ପାଳିବା ମନ ଖୁସିରେ,
ଜୟ ଜଗନ୍ନାଥ କହି ଦିନ ବିତୁ
ତାଙ୍କରି ଆଶ୍ରାରେ ହସି ହସି ରେ ।
ଏ ନୂଆ ବରଷ ଓଡ଼ିଆ ଅସ୍ମିତା
ଓଡ଼ିଆ ଘରର ଗର୍ବ ଗୌରବ,
ସାଙ୍ଗ ସାଥି ହୋଇ ମନ ଦେଇ ନେଇ
ପାଳି ଯିବା ଯାନିଯାତ ପରବ ।

**କବିଜ୍ୟୋତି ନିରଞ୍ଜନ ପତି**
ଅନୁଗୁଳ
ମୋ: ୯୯୩୮୧୩୩୫୫୯

## ମହୁଲ ଦିନ୍



ନନି ମହୁଲ୍ ଫୁଲର ବାସ୍ନା ପାଇ ମହୁଲ୍
ଗୁଟେଇ ଗଲା
କାନି ସଙ୍ଗେ ବାବୁକେ ତାର୍ ଦୁଲି
ଝୁଲେଇ ଦେଲା ॥
ଡକରି ଭେଣ୍ଡିଆ ପିଲା ଝିଅ ଟୁପରି
ସଙ୍ଗେ ନେଲେ
ମହୁଲ୍ ଫୁଲ ସଙ୍ଗେଇକରି ଟୁପରି ଭର୍ତ୍ତି
କଲେ ॥
ଆମର୍ ଜୀବନ ଜୀବିକା ଏଟା ସଭିଏଁ
କହୁଥିଲେ
ମହୁଲ୍ ଭେଟି ଦେଶିଆ ଗୀତ ଖୁସିରେ
ଗାଉଥିଲେ ॥
ଉଆଁ ଉଆଁ ଦୁଲିଭିତରେ ବାବୁ କାନ୍ଦୁଥିଲା
ନନି ମହୁଲ୍ ଫୁଲ ଚିପିକରି ତାର୍ ତୁଣ୍ଡେ
ଦେଲା ॥
ମହୁଲ୍ ଖାଇ ବାବୁ ଯେ ତାର୍ ଚୁପ
ହେଇଗଲା
ମହୁଲ୍ ରସ ବାବୁର୍ ମୁଣ୍ଡେ ନିଶା
କରେଇଦେଲା ॥
ସଙ୍ଗେ ସଙ୍ଗେ ଦୁଲିର୍ ତଳେ ଡିଆଁ ମାରି
ଦେଲା
ଗୁରୁଣ୍ଡି ଗୁରୁଣ୍ଡି ଗୋଟେ ଗୋଟେ ସହୁଲ୍
ଭେଟୁଥିଲା ॥
ବାବୁକେ ଦେଖି ସବୁ ମାନେ ଚକିତ୍
ହୋଇଗଲେ
ବାବୁର୍ ପାଖେ ସବୁ ଯାଇ ଖୁସିରେ
ନାଚିଗଲେ ॥
ଆମର୍ ବାବୁ ଏତିକି ବେଲୁ କାମ୍
ଶିଖିଗଲା
ମାଆକୁ ତାର୍ କାମକରି ସାହାଯ୍ୟ
କରିଦେଲା ॥

**ଦିଗମ୍ବର ବେହେରା**
କୁମୁଟିଗୁଡ଼ା, ମାଲକାନଗିରି
ମୋ: ୯୭୭୬୪୫୬୪୮୭

ଜାତୀୟ ଚେତନା
JATIYA CHETANA





## ବକ୍ସ ଅଫିସରେ ଆଦିବି ସେଶ୍ ଓ ମୃଣାଲଙ୍କ

# 'ଡକାୟତ୍'

ବହୁ ପ୍ରତୀକ୍ଷିତ ରୋମାଣ୍ଟିକ୍ ଆକ୍ସନ୍ ଥ୍ରୀଲର୍ 'ଡକାୟତ୍: ଏ ଲଭ୍ ଷ୍ଟୋରି' ଶେଷରେ ପରଦାକୁ ଆସିଛି। ଏପ୍ରିଲ୍ ୧୦ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ଦର୍ଶକ ପ୍ରଥମ ଥର ପାଇଁ ଆଦିବି ସେଶ୍ ଏବଂ ମୃଣାଲ୍ ଠାକୁରଙ୍କ ନୂଆ ଯୋଡ଼ିକୁ ଦେଖିବାକୁ ପାଇଛନ୍ତି। ଫିଲ୍ମଟିକୁ ନେଇ ଦର୍ଶକ ଓ ସମାଲୋଚକଙ୍କ ମଧ୍ୟରେ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳିଥିଲେ ମଧ୍ୟ ବକ୍ସ ଅଫିସରେ ଏହା ଏକ ଦମଦାର୍ ଶୁଭାରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ସାରା ବିଶ୍ୱରେ 'ଡକାୟତ୍' ପ୍ରଥମ ଦିନରେ ୧୩ କୋଟି ଟଙ୍କାରୁ ଅଧିକ ଆୟ କରିବାରେ ସଫଳ ହୋଇଛି। ଆଦିବି ସେଶ୍ଙ୍କ ପୂର୍ବ ଫିଲ୍ମଗୁଡ଼ିକର ସଫଳତା ପରେ ଏହି ଫିଲ୍ମ ଉପରେ ଦର୍ଶକଙ୍କ ବେଶ୍ ଭରସା ରହିଥିଲା। ଆକ୍ସନ୍ ସହିତ ଏକ ନିଆରା ପ୍ରେମ କାହାଣୀର ସମନ୍ୱୟ ଦର୍ଶକଙ୍କୁ ସିନେମା ହଲ୍କୁ ଟାଣିବାରେ ସକ୍ଷମ ହୋଇଛି। ତେବେ 'ଡକାୟତ୍' ପାଇଁ ବକ୍ସ ଅଫିସରେ ବାଟ ସେତେଟା ସହଜ ନଥିଲା। ରଣବୀର ସିଂଙ୍କ ବ୍ଲକବଷ୍ଟର ଫିଲ୍ମ 'ଧୁରନ୍ଧର ୨' ଏବେ ବି ସିନେମା ହଲ୍ରେ ନିଜର ଆଧିପତ୍ୟ ବଜାୟ ରଖିଛି। ଏହି ବଡ଼ ଫିଲ୍ମର କ୍ରେଜ୍ ଯୋଗୁଁ ନୂଆ ରିଲିଜ୍ ହଇଥିବା ଫିଲ୍ମଗୁଡ଼ିକର ଆୟ ଉପରେ କିଛିଟା ପ୍ରଭାବ ପଡୁଥିବା ଦେଖାଯାଇଛି। କିନ୍ତୁ ଏହି କଡ଼ା ପ୍ରତିଯୋଗିତା ସତ୍ତ୍ୱେ 'ଡକାୟତ୍' ନିଜର ସ୍ୱତନ୍ତ୍ର ପତିଆରା ଜାହିର କରିଛି। ଆଦିବି ସେଶ୍ଙ୍କ ଦମଦାର ଆକ୍ସନ୍ ଏବଂ ମୃଣାଲଙ୍କ ଭାବପୂର୍ଣ୍ଣ ଅଭିନୟକୁ ସମାଲୋଚକମାନେ ପ୍ରଶଂସା କରିଥିବା ବେଳେ ଆଗାମୀ ଛୁଟି ଦିନରେ ଫିଲ୍ମର ବ୍ୟବସାୟ ଆହୁରି ବଢ଼ିବ ବୋଲି ଆଶା କରାଯାଉଛି। ସାକନିକଙ୍କ ରିପୋର୍ଟ ଅନୁଯାୟୀ, ଘରୋଇ ବକ୍ସ ଅଫିସରେ 'ଡକାୟତ୍' ପ୍ରଥମ ଦିନରେ ୬.୫୦ କୋଟି ଟଙ୍କା ରୋଜଗାର କରିଛି। ଏହି ସଫଳତା ସହ ଏହା 'ଅନାଗାନାଗା ଓକା ରାଜୁ' (୫.୫ କୋଟି) ଏବଂ ଆଦିବି ସେଶ୍ଙ୍କ ପୂର୍ବ ଚଳଚ୍ଚିତ୍ର 'ହିଟ୍: ଦି ସେକେଣ୍ଡ କେସ୍' (୬.୪ କୋଟି)ର ପ୍ରଥମ ଦିନର ଆୟକୁ ପଛରେ ପକାଇ ଦେଇଛି। ତଥାପି ଏହା ହିନ୍ଦୀ ଯୁଦ୍ଧ ଭିତ୍ତିକ ନାଟକ 'ଇକ୍କିସ୍'ର ପ୍ରଥମ ଦିନର ଆୟ (୭ କୋଟି)କୁ ଟପି ପାରିନାହିଁ। ବର୍ତ୍ତମାନ ଚତୁର୍ଥ ସପ୍ତାହରେ ପହଞ୍ଚିଥିବା 'ଧୁରନ୍ଧର ୨' ସହ ଏହି ନୂତନ ଚଳଚ୍ଚିତ୍ରର କଡ଼ା ପ୍ରତିଯୋଗିତା ଜାରି ରହିଛି। 'ଡକାୟତ' ୩,୮୦୦ ଶୋ'ରେ ୬.୫୦ କୋଟିର ମୋଟ କଲେକ୍ସନ ରେକର୍ଡ କରିଛି। ଫଳସ୍ୱରୂପ, ଭାରତରେ ଏହାର ମୋଟ ଗ୍ରୋସ୍ କଲେକ୍ସନ ୭.୫୭ କୋଟି ହୋଇଛି, ଯେତେବେଳେ ଏପର୍ଯ୍ୟନ୍ତ ଏହାର କ୍ରମାଗତ ନେଟ୍ ଆୟ ୬.୫୦ କୋଟିରେ ପହଞ୍ଚିଛି। ବିଦେଶୀ ବଜାରରେ ଚଳଚ୍ଚିତ୍ରଟି ୬.୦୦ କୋଟିର ମୋଟ ଆୟ କରିଥିଲା, ଯାହା ଫଳରେ ବିଶ୍ୱବ୍ୟାପୀ ଏହାର ମୋଟ ଆୟ ୧୩.୫୭ କୋଟିରେ ପହଞ୍ଚିଛି। ତେଲୁଗୁ ସଂସ୍କରଣଟି ୧୮୮୩ଟି ଶୋ'ରୁ ୫.୬୦ କୋଟିର ନେଟ୍ କଲେକ୍ସନ ସହ କରିଛି, ଯାହାର ଅକୁପାନ୍ସି ହାର ୪୧.୦% ରେକର୍ଡ କରିଥିଲା। ହିନ୍ଦୀ ସଂସ୍କରଣଟି ୧୯୧୭ଟି ଶୋ'ରୁ ୯୦ ଲକ୍ଷର ନେଟ୍ କଲେକ୍ସନ କରିଛି, ଯାହାର ଅକୁପାନ୍ସି ହାର ୧୨.୦% କମ୍ ଥିଲା। ଏହି ଫିଲ୍ମକୁ ଏକ ଆକ୍ସନ୍-ରୋମାଣ୍ଟିକ୍ ଥ୍ରୀଲର୍ ଭାବରେ ବର୍ଣ୍ଣନା କରାଯାଉଛି। ଏହା ଶାନିଲ୍ ଦେଓଙ୍କ ଦ୍ୱାରା ନିର୍ଦ୍ଦେଶିତ। ଏଥିରେ ଆଦିଭି ସେଶ୍ ଏବଂ ମୃଣାଲ୍ ଠାକୁର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଛନ୍ତି, ଅନୁରାଗ କଶ୍ୟପ ମଧ୍ୟ ଅଭିନୟ କରିଛନ୍ତି। ଚାରି ବର୍ଷର ବ୍ୟବଧାନ ପରେ ଆଦିବି ବଡ଼ ପରଦାକୁ ଫେରିଛନ୍ତି। ଆଦିଭି ଏବଂ ମୃଣାଲଙ୍କର ପ୍ରଥମ ଅନ-ସ୍କ୍ରିନ୍ ଯୋଡ଼ି ମଧ୍ୟ ରହିଛି, ଯାହା ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିସାରିଛି। 'ଡକାୟତ' ଜଣେ ବ୍ୟକ୍ତିଙ୍କ କାହାଣୀ କହେ ଯିଏ ତାଙ୍କ ପ୍ରେମିକା ଦ୍ୱାରା ବିଶ୍ୱାସଘାତକତା ପାଏ ଏବଂ ପରବର୍ତ୍ତୀ ସମୟରେ ଏପରି ଏକ ଅପରାଧ ପାଇଁ ଜେଲ୍ ଯାଏ ଯାହା ସେ କରି ନଥିଲା। ରିଲିଜ ପରେ, ନାୟକ ପ୍ରତିଶୋଧର ପଥ ଆରମ୍ଭ କରନ୍ତି।

# ସଂଘର୍ଷରୁ ସଫଳତାର ଶୀର୍ଷ: ଆଶା ଭୋସଲେଙ୍କ ଜୀବନର ଅକୁହା କାହାଣୀ

ଭାରତୀୟ କଣ୍ଠ ସଙ୍ଗୀତର ଅନ୍ୟତମ ଶକ୍ତିଶାଳୀ ସ୍ୱର ଆଶା ଭୋସଲେଙ୍କ ଦେହାନ୍ତ ଖବର ସମଗ୍ର ସଂସ୍କୃତି ଜଗତରେ ଶୋକର ଛାୟା ଖେଳାଇ ଦେଇଛି। ୯୨ ବର୍ଷ ବୟସରେ ତାଙ୍କର ମହାପ୍ରୟାଣ ଘଟିଛି। ସେ ନିଜ ପଛରେ ଛାଡ଼ି ଯାଇଛନ୍ତି ହଜାର ହଜାର ଚିର ସବୁଜ ଗୀତ, ଯାହା ଆଗାମୀ ଅନେକ ପିଢ଼ି ପର୍ଯ୍ୟନ୍ତ ଶ୍ରୋତାଙ୍କ ହୃଦୟରେ ଗୁଞ୍ଜରିତ ହେଉଥିବ। ମାତ୍ର ଏହି ସଫଳତାର ପାହାଚ ଚଢ଼ିବା ପୂର୍ବରୁ ତାଙ୍କୁ ଜୀବନରେ ଯେଉଁ ଦାରୁଣ ଦୁଃଖ ଓ ଯନ୍ତ୍ରଣାର ସାମ୍ନା କରିବାକୁ ପଡ଼ିଥିଲା, ତାହା କୌଣସି ଚଳଚ୍ଚିତ୍ରର କାହାଣୀଠାରୁ ଅଧିକ ରୋମାଞ୍ଚକର ଓ ଯନ୍ତ୍ରଣାଦାୟକ। ୮ ସେପ୍ଟେମ୍ବର ୧୯୩୩ରେ ମହାରାଷ୍ଟ୍ରର ସାଙ୍ଗଲିଠାରେ ଜନ୍ମଗ୍ରହଣ କରିଥିବା ଆଶାଙ୍କ ପିଲାଦିନ ସଙ୍ଗୀତର ସୁରତାଳ ଭିତରେ ଆରମ୍ଭ ହୋଇଥିଲା। ପିତା ପଣ୍ଡିତ ଦୀନାନାଥ ମଙ୍ଗେସକର ଜଣେ ବିଶିଷ୍ଟ ସଙ୍ଗୀତଜ୍ଞ ଥିବାରୁ ଘରର ପରିବେଶ ସବୁବେଳେ ସଙ୍ଗୀତମୟ ରହୁଥିଲା। ମାତ୍ର ଆଶାଙ୍କୁ ଯେତେବେଳେ ମାତ୍ର ୯ ବର୍ଷ ବୟସ ହୋଇଥିଲା, ସେତେବେଳେ ପିତାଙ୍କ ଆକସ୍ମିକ ବିୟୋଗ ସମଗ୍ର ପରିବାରକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲା। ପରିବାରର ଆର୍ଥିକ ସଙ୍କଟ ଏତେ ଘନେଇ ଆସିଥିଲା ଯେ, ବଡ଼ ଭଉଣୀ ଲତା ମଙ୍ଗେସକର ଓ ଆଶା ମିଳିତ ଭାବେ ଘରର ବୋଝ ନିଜ କାନ୍ଧକୁ ନେଇଥିଲେ। ସେମାନେ ପୁଣେ ଓ କୋଲହାପୁରରେ ବହୁ ବର୍ଷ ସଂଘର୍ଷ କରିବା ପରେ ଶେଷରେ ମୁମ୍ବାଇ ଆସିଥିଲେ। ଆଶାଙ୍କ ଜୀବନର ସବୁଠାରୁ ବଡ଼ ଝଡ଼ ଆସିଥିଲା ଯେତେବେଳେ ସେ ମାତ୍ର ୧୬ ବର୍ଷ ବୟସରେ ନିଜଠାରୁ ବହୁ ବର୍ଷ ବଡ଼ ଗଣପତରାଓ ଭୋସଲେଙ୍କୁ ପ୍ରେମ ବିବାହ କରିଥିଲେ। ପରିବାରର ଘୋର ବିରୋଧ ସତ୍ତ୍ୱେ ସେ ଏହି ନିଷ୍ପତ୍ତି ନେଇଥିଲେ, ଯାହାଫଳରେ ମଙ୍ଗେସକର ପରିବାର ସହ ତାଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲା। ମାତ୍ର ଯେଉଁ ସୁନେଲି ସଂସାରର ସ୍ୱପ୍ନ ଦେଖି ସେ ଘର ଛାଡ଼ିଥିଲେ, ତାହା ଅଳ୍ପ ଦିନରେ ଭାଙ୍ଗି ଚୂରମାର ହୋଇଗଲା। ବିବାହ ପରେ ତାଙ୍କ ଜୀବନ ଅତି ଦୁର୍ବିସହ ହୋଇପଡ଼ିଥିଲା। ସେ କ୍ରମାଗତ ଭାବେ ମାନସିକ ଓ ଶାରୀରିକ ନିର୍ଯାତନାର ଶିକାର ହୋଇଥିଲେ। ପରିସ୍ଥିତି ଏପରି ଭୟଙ୍କର ହୋଇଥିଲା ଯେ ଗର୍ଭବତୀ ଥିବା ସମୟରେ ମଧ୍ୟ ସେ ଅତିଷ୍ଠ ହୋଇ ନିଜ ଜୀବନ ହାରିବାକୁ ଉଦ୍ୟମ କରିଥିଲେ। ଶେଷରେ ୧୧ ବର୍ଷର କଷ୍ଟକର ସମ୍ପର୍କ ପରେ ସେ ନିଜ ଛୋଟ ପିଲାଙ୍କୁ ଧରି ସେହି ଘରୁ ବାହାରି ଆସିବାକୁ ବାଧ୍ୟ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ପୁଣି ଥରେ ଶୂନ୍ୟରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ଲତା ମଙ୍ଗେସକରଙ୍କ ଭଳି ଜଣେ ପ୍ରତିଷ୍ଠିତ ଗାୟିକାଙ୍କ ଭଉଣୀ ହୋଇ ମଧ୍ୟ ସେ କେବେ ସହଜରେ କାମ ପାଇନଥିଲେ। ସେ ସମୟର ସବୁଠାରୁ କଷ୍ଟକର ଓ ନିଆରା ଗୀତଗୁଡ଼ିକୁ ଗାଇ ସେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କଲେ। ପରବର୍ତ୍ତୀ ସମୟରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଆର୍. ଡି. ବର୍ମନଙ୍କ ସହ ତାଙ୍କର ବିବାହ ହୋଇଥିଲା, ଯାହା ତାଙ୍କ ଜୀବନରେ ଖୁସି ଓ ସ୍ଥିରତା ଆଣିଥିଲା। ଆଜି ଆଶା ଭୋସଲେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ଜଣେ ସାହସୀ ନାରୀ ଏବଂ ସଙ୍ଗୀତର ଯାଦୁକରୀ ଭାବେ ସେ ଚିରସ୍ମରଣୀୟ ହୋଇ ରହିବେ। ତାଙ୍କ ଜୀବନର ପ୍ରତିଟି ମୋଡ଼ ଶିଖାଏ ଯେ, ଯେତେ ବଡ଼ ଦୁଃଖ ଆସିଲେ ମଧ୍ୟ ନିଜ ପ୍ରତିଭା ଓ ଇଚ୍ଛାଶକ୍ତି ବଳରେ ପୁଣି ଥରେ ବିଶ୍ୱ ଜୟ କରିହୁଏ। ସେ ଆଜି ଶାରୀରିକ ଭାବେ ବିଦାୟ ନେଇଥିଲେ ମଧ୍ୟ ତାଙ୍କ ସ୍ୱର ସବୁଦିନ ପାଇଁ ଭାରତୀୟ ସଙ୍ଗୀତ ଆକାଶରେ ଏକ ଧ୍ରୁବତାରା ପରି ଶୋଭା ପାଉଥିବ।





ଜୀବନର ଅପରାହ୍ନରେ ମଧ୍ୟ ଆଶାଙ୍କୁ ଦାରୁଣ ଦୁଃଖର ସାମ୍ନା କରିବାକୁ ପଡ଼ିଥିଲା। ୨୦୧୨ ମସିହାରେ ତାଙ୍କ ଝିଅ ବର୍ଷା ଭୋସଲେ ଅବସାଦ ବା ଡିପ୍ରେସନ୍ ଯୋଗୁଁ ଆତ୍ମହତ୍ୟା କରିବା ଘଟଣା ତାଙ୍କୁ ସମ୍ପୂର୍ଣ୍ଣ ସ୍ତବ୍ଧ କରିଦେଇଥିଲା। ଜଣେ ମାଆ ପାଇଁ ନିଜ ସନ୍ତାନର ଶବକୁ ଦେଖିବା ସବୁଠାରୁ ବଡ଼ ଯନ୍ତ୍ରଣା ହୋଇଥିବା ବେଳେ, ମାତ୍ର ତିନି ବର୍ଷ ପରେ ଅର୍ଥାତ୍ ୨୦୧୫ରେ ପୁଅ ହେମନ୍ତ ଭୋସଲେଙ୍କୁ କର୍କଟ ରୋଗରେ ହରାଇ ସେ ମାନସିକ ସ୍ତରରେ ଭାଙ୍ଗି ପଡ଼ିଥିଲେ। ଝିଅ ଓ ପୁଅଙ୍କୁ ହରାଇବା ପରେ ମଧ୍ୟ ଏହି କିମ୍ବଦନ୍ତୀ ଗାୟିକା କେବେ ହାର ମାନି ନଥିଲେ। ସେ ନିଜର ସମସ୍ତ ଯନ୍ତ୍ରଣାକୁ ସଙ୍ଗୀତ ମାଧ୍ୟମରେ ପରିବେଷିତ କରିବା ସହ ନିଜକୁ କର୍ମଠ ରଖିଥିଲେ। ଏତେଗୁଡ଼ିଏ ବିପର୍ଯ୍ୟୟ ସତ୍ତ୍ୱେ ତାଙ୍କର ଏହି ନିରନ୍ତର ଯାତ୍ରା ପ୍ରମାଣ କରେ ଯେ, ମଣିଷ ଚାହିଁଲେ ସାହସ ଓ ଇଚ୍ଛାଶକ୍ତି ବଳରେ ସବୁଠାରୁ କଠିନ ସମୟରୁ ମଧ୍ୟ ବାହାରି ପାରେ। ଆଜି ସଙ୍ଗୀତ ଜଗତରେ ଆଶା ଭୋସଲେ କେବଳ ଏକ ନାମ ନୁହନ୍ତି, ବରଂ ଜୀବନର ସଂଗ୍ରାମ ଜିତିଥିବା ଜଣେ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଏବଂ କୋଟି କୋଟି ଲୋକଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କର ପ୍ରତିଟି ଗୀତ ଆଜି ମଧ୍ୟ ଜୀବନ ଜିଇଁବାର ଏକ ନୂତନ ଆଲୋକ ଦେଖାଏ।

Printed & Published by Shri Soubhagya Kumar Mohanty on behalf of Shri Tapan Bihari Bhanja published at Plot. No- 511, Nayapalli, Bhubaneswar -751012
Printed at Ray Publications, Plot No.17, Rajarani, Lewis Road, Bhubaneswar-751014, Mob-9439863842. E-mail: **jatiyachetana@gmail.com, jatiyachetana@yahoo.com,**
**Chief Advisor: Pradosh Pattnaik** ମୁଖ୍ୟ ଉପଦେଷ୍ଟା: ପ୍ରଦୋଷ ପଟ୍ଟନାୟକ **Editor: Tapan Bihari Bhanja** ସମ୍ପାଦକ: ତପନ ବିହାରୀ ଭଞ୍ଜ